# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 12, DATE : 16.08.2024 - 31.08.2024 FORTNIGHTLY (ODIA), BHUBANESWAR. PAGES-08

## ସର୍ବହରାର ମହାନ୍ ନେତା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ପ୍ରତିଷ୍ଠାତା ସାଧାରଣ ସମ୍ପାଦକ

# କମ୍ରେଡ୍ ଶିବଦାସ ଘୋଷଙ୍କ ସ୍ମରଣସଭା



ସର୍ବହରା ଶ୍ରେଣୀର ମହାନନେତା, ଏସ୍‌ୟୁସିଆଇ(ସି) ଦଳର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ୍ ଶିବଦାସ ଘୋଷଙ୍କର ୪୯ତମ ସ୍ମରଣ ଦିବସ ଉପଲକ୍ଷେ ଅଗଷ୍ଟ ୫ ତାରିଖରେ କଟକ ସାରଳା ଭବନଠାରେ ଏକ ରାଜ୍ୟସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ପାର୍ଟି କର୍ମୀ, ସମର୍ଥକ,ଦରଦୀ ଓ ସମାଜର ବିଭିନ୍ନ ବର୍ଗର ଲୋକ ଯୋଗଦେଇଥିଲେ। ଦଳର ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ସଦାଶିବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ୍ ସୁଭାଷ ଦାଶଗୁପ୍ତ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ । ସର୍ବପ୍ରଥମେ ସଙ୍ଗୀତ ଗୋଷ୍ଠୀ ଦ୍ୱାରା କମ୍ରେଡ୍ ଶିବଦାସ ଘୋଷଙ୍କ ଉପରେ ରଚିତ ସଂଗୀତ ପରିବେଷଣ କରାଯାଇଥିଲା। ଏହା ପରେ କମ୍ରେଡ ଶିବଦାସ ଘୋଷ ଙ୍କ ପ୍ରତିକୃତିରେ ପାର୍ଟି ମୁଖପତ୍ର ସର୍ବହରା କ୍ରାନ୍ତି ପକ୍ଷରୁ କମ୍ରେଡ ବିଷ୍ଣୁ ଦାସ, ଶ୍ରମିକ ସଂଗଠନ ଏଆଇୟୁଟିୟୁସି ପକ୍ଷରୁ କମ୍ରେଡ ଶମ୍ଭୁନାଥ ନାୟକ, ଚାଷୀ ସଂଗଠନ ଏଆଇକେକେଏମଏସ ପକ୍ଷରୁ କମ୍ରେଡ ଅଚ୍ୟୁତ ପ୍ରଧାନ, ଯୁବ ସଂଗଠନ ଏଆଇଡିୱାଇଓ ପକ୍ଷରୁ କମ୍ରେଡ କେଦାରନାଥ ସାହୁ, ମହିଳା ସଂଗଠନ ଏଆଇଏମ୍‌ଏସ୍‌ଏସ୍ ସର୍ବଭାରତୀୟ କମିଟି ଓ ରାଜ୍ୟ କମିଟି ପକ୍ଷରୁ ଯଥାକ୍ରମେ କମ୍ରେଡ ଛବି ମହାନ୍ତି ଓ କମ୍ରେଡ ସ୍ୱୟଂପ୍ରଭା ନାୟକ ଏବଂ କିଶୋର ବାହିନୀ କମସୋମଲ ପକ୍ଷରୁ କମ୍ରେଡ ସୁବାଷ ମଲ୍ଲିକ ମାଲ୍ୟାର୍ପଣ କରିଥିଲେ। କିଶୋର ବାହିନୀ କମସୋମଲ ପକ୍ଷରୁ ସର୍ବହରାର ମହାନ ନେତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। କେରଳ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଭୂସ୍ଖଳନ ଯୋଗୁ ମୃତ୍ୟୁବରଣ କରିଥିବା ଲୋକଙ୍କ ସ୍ମୃତିରେ ଦଳର ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଛବି ମହାନ୍ତି ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ ଏବଂ ମୃତ ବ୍ୟକ୍ତି ମାନଙ୍କପ୍ରତି ଶୋକ ବ୍ୟକ୍ତ କରି ଏକ ମିନିଟ୍ ନିରବତା ଅବଲମ୍ବନ କରଯାଇଥିଲା। ରାଜ୍ୟରେ ନିର୍ବାଚନ ପରବର୍ତ୍ତୀ ପରିସ୍ଥିତି ଓ ଗଣ ଆନ୍ଦୋଳନ ସଂପର୍କରେ ରାଜ୍ୟ ଅଫିସ୍ ସଂପାଦକ କମ୍ରେଡ୍ ସ୍ୱୟଂପ୍ରଭା ନାୟକ ଏକ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହାକୁ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ଅଶୋକ ମିଶ୍ର ସମର୍ଥନ କରିଥିଲେ।

ମୁଖ୍ୟବକ୍ତା କମ୍ରେଡ୍ ସୁଭାଷ ଦାଶଗୁପ୍ତ ତାଙ୍କ ବକ୍ତବ୍ୟରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)କୁ ଭାରତ ବର୍ଷର ଏକମାତ୍ର ସଠିକ୍ ସାମ୍ୟବାଦୀ ଦଳ ଭାବରେ ଗଢିତୋଳିବା ପାଇଁ ଅଚିନ୍ତନୀୟ ପ୍ରତିକୂଳ ପରିସ୍ଥିତିକୁ ସାମନା କରି କମ୍ରେଡ ଶିବଦାସ ଘୋଷ ଓ ତାଙ୍କର ମୁଷ୍ଟିମେୟ ଘନିଷ୍ଠ ସହଯୋଦ୍ଧାମାନେ ପରିଚାଳନା କରିଥିବା ନଜିର ବିହୀନ କଠୋର କଠିନ ସଂଗ୍ରାମର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। କମ୍ରେଡ ଦାସଗୁପ୍ତ କହିଥିଲେଯେ କମ୍ରେଡ୍ ଶିବଦାସ ଘୋଷ ଭାରତବର୍ଷର ମାଟିରେ ଗୋଟିଏ ସଠିକ୍ କମ୍ୟୁନିଷ୍ଟ ପାର୍ଟି ଗଠନ କରିବା ମଧ୍ୟଦେଇ ମାର୍କ୍ସବାଦୀ ବିଜ୍ଞାନକୁ ବିଶେଷିକୃତ, ସମୃଦ୍ଧ ଓ ବିକଶିତ କରିବା ମଧ୍ୟଦେଇ ବିଶ୍ୱ ସର୍ବହରା ଶ୍ରେଣୀ ହାତରେ ଏକ ଅମୋଘ ହତିଆର ଅର୍ପଣ କରିଛନ୍ତି। ଏକଦା ଦେଶରେ ବିଶାଳ ଶକ୍ତି ନେଇ ଅବସ୍ଥାନ କରୁଥିବା ଅବିଭକ୍ତ ସିପିଆଇ ଓ ଏହି ଦଳ ବିଭାଜିତ ହୋଇ ସୃଷ୍ଟି ହୋଇଥିବା ସିପିଆଇ(ଏମ୍) ଓ ଅନ୍ୟାନ୍ୟ ବାମପନ୍ଥୀ ଦଳଗୁଡ଼ିକ ସେମାନଙ୍କର ଆଦର୍ଶଗତ ଦେବାଳିଆ ପଣିଆ ପାଇଁ କ୍ରମଶଃ ଶକ୍ତିହୀନ ହୋଇ ଅନ୍ୟାନ୍ୟ ବୁର୍ଜୁଆ ଦଳଗୁଡ଼ିକର ଗୋଡାଣିଆରେ ପରିଣତ ହୋଇଥିଲାବେଳେ କମ୍ରେଡ ଘୋଷଙ୍କ ଆଦର୍ଶ ଓ ଶିକ୍ଷାରେ ପରିଚାଳିତ ଏହି ଦଳ କ୍ରମାଗତ ଭାବରେ ଶକ୍ତି ବୃଦ୍ଧି କରିଚାଲିଛି। ଆଜି ଭାରତବର୍ଷର ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଜନଗଣଙ୍କ ଜ୍ୱଳନ୍ତ ସମସ୍ୟା ଉପରେ ଲଗାତର ଗଣଆନ୍ଦୋଳନ ଓ ଶ୍ରେଣୀ ସଂଗ୍ରାମ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




### ଅଗଷ୍ଟ ୫ ତାରିଖରେ କଲିକତାଠାରେ ଅନୁଷ୍ଠିତ ଜନସଭାରେ

## ବାଙ୍ଗଲାଦେଶର ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ

# ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ସାଧାରଣ ସମ୍ପାଦକ କମ୍ରେଡ ପ୍ରଭାସ ଘୋଷଙ୍କ ବକ୍ତବ୍ୟ

ବାଙ୍ଗଲାଦେଶର ଛାତ୍ରସମାଜ ଏକ ଐତିହାସିକ ଆନ୍ଦୋଳନ ସଂଗଠିତ କରିଛନ୍ତି। ଦିନ ପରେ ଦିନ ବନ୍ଧୁକ, ଲାଠି ଓ ଗୁଳିକୁ ସାମନା କରି, ଶହ ଶହ ଜୀବନର ବଳିଦାନଦେଇ ସେଠାରେ କ୍ଷମତାସୀନ ସୈରାଚାରୀ ସରକାରକୁ ଉତଖାତ କରିବାପାଇଁ ସେମାନେ ଲଢେଇ କରୁଛନ୍ତି। ବାଙ୍ଗଲାଦେଶରେ ଏକ ବିରାଟ ଗଣ ଅଭ୍ୟୁଥାନ ସଂଗଠିତ ହୋଇଛି। ଆଜି ୫ ଅଗଷ୍ଟ ୨୦୨୪ରେ ମଧ୍ୟ ଲକ୍ଷ ଲକ୍ଷ ଜନତା ରାସ୍ତାରେ ଅଛନ୍ତି। ଅଳ୍ପ ସମୟ ପୂର୍ବରୁ ଖବର ଆସିଛି ଯେ, ପ୍ରଧାନମନ୍ତ୍ରୀ ଶେଖ ହାସିନା, ଜନଗଣଙ୍କର ଦାବି ଆଗରେ ମୁଣ୍ଡ ନୁଆଇଁବାକୁ ବାଧ୍ୟ ହୋଇଛନ୍ତି ଓ ନିଜ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ବର୍ତ୍ତମାନ ଏହି ଖବର ଆସିଛି। ବାଙ୍ଗଲାଦେଶର ସାମରିକ ବାହିନୀ ଶାସନ କ୍ଷମତା ନିଜ ହାତକୁ ନେବା ପାଇଁ ଚେଷ୍ଟା କରୁଛି। କିନ୍ତୁ ଲୋକମାନେ କହୁଛନ୍ତି ଯେ ସେମାନେ ଏକ ଅନ୍ତର୍ବର୍ତ୍ତି ସରକାର ଚାହାଁନ୍ତି। ବର୍ତ୍ତମାନ ଏ ବିଷୟରେ ଆଲୋଚନା ଜାରୀ ରହିଛି।

ଏହି ଐତିହାସିକ ଆନ୍ଦୋଳନ ପଛରେ ଇସଲାମିକ ମୌଳବାଦୀ ଶକ୍ତି "ଜମାତ" ବା ଅନ୍ୟ ଏକ ଦୁର୍ନୀତିଗ୍ରସ୍ତ ବୁର୍ଜୁଆ ଦଳ "ବିଏନ୍‌ପି"ର ହାତ ଅଛି ବୋଲି ଯେଉଁ ପ୍ରଚାର ଚାଲିଛି ତାହା ସତ୍ୟ ନୁହେଁ। ଏହା ଏକ ମିଥ୍ୟା ପ୍ରଚାର। ଆପଣମାନେ ଦେଖିଲେ ଜାଣିପାରିବେ ଲକ୍ଷ ଲକ୍ଷ ଛାତ୍ରଙ୍କ କଣ୍ଠରେ ରବୀନ୍ଦ୍ର ସଙ୍ଗୀତ, ନଜରୁଲ ଗୀତି, ଦ୍ୱିଜେନ୍ଦ୍ର ଗୀତ, ମୋହିନୀ ଚୌଧୁରୀଙ୍କର ଲିଖିତ 'ମୁକ୍ତିର ମନ୍ଦିର ସୋପାନ ତଳେ'; ଏହି ସମସ୍ତ ଗୀତ ଦିନେ ବ୍ରିଟିଶ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ବଙ୍ଗପ୍ରଦେଶର ଯୁବକମାନଙ୍କୁ ଅନୁପ୍ରାଣିତ କରିଥିଲା, ବିପ୍ଳବୀ ଧାରାକୁ ପ୍ରେରଣା ଯୋଗାଇଥିଲା। ଏହି ଗୀତଗୁଡିକର ପ୍ରଭାବ ସାରାଭାରତରେ ବ୍ୟାପୀ ଯାଇଥିଲା। ଆଜି ଏହି ଗୀତଗୁଡିକ ହିଁ ବାଂଲାଦେଶର ଆନ୍ଦୋଳନରତ ଛାତ୍ରସମାଜର କଣ୍ଠରେ ପ୍ରତିଧ୍ୱନିତ ହେଉଛି। ଏହି ଗୀତଗୁଡିକ ଗାଇ ଗାଇ ସେମାନେ ମାର୍ଚ୍ଚ କରୁଛନ୍ତି, ବ୍ୟାରିକେଡ ଭାଙ୍ଗୁଛନ୍ତି, ମୃତ୍ୟୁକୁ ଆପଣେଇ ନେଇ ହଜାର ହଜାର ସଂଖ୍ୟାରେ ଶହୀଦତ୍ୱକୁ ହସିହସି ବରଣ କରୁଛନ୍ତି।

ମୁଁ ଜାଣି ନାହିଁ ଆପଣ ଏହା ଜାଣଛନ୍ତି କି ନାହିଁ ଯେ, କୁମିଲ୍ଲାଠାରେ ଏକ ବିଶ୍ୱବିଦ୍ୟାଳୟ ହଲ ଅଛି ଯାହା ଶେଖ ହାସିନାଙ୍କ ନାମରେ ନାମିତ ଥିଲା। ଛାତ୍ର ସମାଜ ତାହାର ନାମ ପରିବର୍ତ୍ତନ କରିଛନ୍ତି ଓ ଏହାକୁ 'ଶାନ୍ତି' ଓ 'ସୁନିତି'ଙ୍କର ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ଶାନ୍ତି ଓ ସୁନିତି କିଏ ? ଆଜି ବଙ୍ଗଳାର ଅଧିକାଂଶ ଲୋକ ସେମାନଙ୍କର ନାମ ଭୁଲିଗଲେଣି। ସେମାନେ ଯେତେବେଳେ ନବମ ଶ୍ରେଣୀର ଛାତ୍ରୀଥିଲେ, ଅତ୍ୟାଚାରୀ ବ୍ରିଟିଶ ସୁପରିଟେନଣ୍ଡେଟକୁ ଶାସ୍ତି ଦେବାପାଇଁ ତାଙ୍କ ଉପରେ ଗୁଳି ଚଳାଇଥିଲେ। ତାଙ୍କର ଏହି ବିପ୍ଳବୀ କର୍ମକାଣ୍ଡ ପାଇଁ ସେମାନେ ଯାବତ୍‌ଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ। ସେମାନଙ୍କର ବଳୀଦାନକୁ ମନେପକାଇ ଛାତ୍ରସମାଜ ଏହି ହଲଟିର ନାମ ଶାନ୍ତି ଓ ସୁନୀତି ରଖିଛନ୍ତି।

ଅବିଭକ୍ତ ବଙ୍ଗପ୍ରଦେଶରେ ଲଢେଇର ଯେଉଁ ଗୌରବୋଜ୍ଜ୍ୱଳ ପରମ୍ପରା ରହିଛି, ତାହାକୁ ପାଥେୟ କରି ସେମାନେ ୧୯୫୨ ମସିହାରେ ଐତିହାସିକ ଭାଷା ଆନ୍ଦୋଳନ ଗଢି ତୋଳିଥିଲେ; ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ବିରାଟ ରୂପ ପରିଗ୍ରହ କରିଥିଲା ଯାହା ଶେଷରେ ସୈରାଚାରୀ ତଦାନୀନ୍ତନ ପାକିସ୍ତାନ ସରକାରକୁ ପୂର୍ବ ପାକିସ୍ତାନର ମାଟିରୁ ଉତଖାତ କରିଥିଲା ଓ ବାଙ୍ଗଲାଦେଶ ମୁକ୍ତି ପାଇଥିଲା। ପାକିସ୍ତାନର ପୁଞ୍ଜିବାଦ- ସାମ୍ରାଜ୍ୟବାଦ ପରି, ଶେଖ ହାସିନା ସରକାର – ଯିଏ ସଂସଦୀୟ ରାଜନୀତିର ହିଁ ଧ୍ୱଜାଧାରୀ– ହଜାର ହଜାର ଛାତ୍ରଙ୍କୁ ଆଜି ହତ୍ୟା

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

### ଭିତର ପୃଷ୍ଠାରେ


★ କେନ୍ଦ୍ରୀୟ ବଜେଟ : ଏକ ବିଶ୍ଳେଷଣ
★ ଫ୍ରେଡେରିକ ଏଙ୍ଗେଲ୍‌ସ
★ ବଂଚିବାପାଇଁ ହେଲେ ଚାଷୀମାନଙ୍କୁ କେନ୍ଦ୍ର ସରକାର ନିକଟରୁ ନିଜର ନ୍ୟାର୍ଯ୍ୟ ଦାବି ଛଡାଇ ଆଣିବାକୁ ହେବ

# କେନ୍ଦ୍ରୀୟ ବଜେଟ୍ : ଏକ ବିଶ୍ଳେଷଣ

**ଜା**ତିସଂଘର ସଦ୍ୟତମ ରିପୋର୍ଟ ଅନୁଯାୟୀ ଭାରତରେ ସବୁଠାରୁ ଅଧିକ ସଂଖ୍ୟକ ପୁଷ୍ଟିହୀନତାର ଶୀକାର ଜନସାଧାରଣ ବସବାସ କରନ୍ତି। ରକ୍ତହୀନା ମା, କମ ଓଜନର ସଦ୍ୟଜାତ ଶିଶୁମାନଙ୍କ ସଂଖ୍ୟା ଦେଶରେ କ୍ରମାଗତ ଭାବରେ ବଢିଚାଲିଛି। ଦେଶର ଶତକଡା ୪୦ଭାଗ ଶିଶୁ ପୁଷ୍ଟିହୀନତାର ଶୀକାର। ଧନୀ ଦରିଦ୍ର ମଧ୍ୟରେ ଆର୍ଥିକ ବୈଷମ୍ୟ ବ୍ରିଟିଶ ଶାସନ ସମୟରୁ ମଧ୍ୟ ଆହୁରି ଅଧିକ। ବେକାରୀ ହାର ଗତ ୪୫ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଂଚିଛି। ଗତ ଜୁଲାଇ ୧୬ତାରିଖରେ ମୁମ୍ବାଇରେ ଗୋଟିଏ କମ୍ପାନୀରେ ମାତ୍ର ଦୁଇ ହଜାର ପଦପାଇଁ ୨୫ହଜାରରୁ ଅଧିକ କର୍ମହୀନ ଯୁବକ ଯୁବତୀ ସାକ୍ଷାତକାର ପାଇଁ ପହଂଚିବାରୁ ସେଠାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଇ କିଛି ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗୃହରାଜ୍ୟ ଗୁଜୁରାଟରେ ମାତ୍ର ୧୦ଟି ପଦ ପାଇଁ ହଜାର ହଜାର ଆଶାୟୀ ଯୁବକ ଯୁବତୀ ପହଂଚିଥିଲେ। ଦେଶର ପ୍ରତି ୧୦ଜଣ ଶିକ୍ଷିତ ଯୁବକ ଯୁବତୀଙ୍କ ମଧ୍ୟରୁ ବର୍ତ୍ତମାନ ୮ଜଣ ବେକାର। ଏହାବ୍ୟତୀତ ଭୟଙ୍କର ମୂଲ୍ୟବୃଦ୍ଧି ଫଳରେ ସାଧାରଣ ଲୋକ ହାହାକାର କରୁଛନ୍ତି।

ଏହିଭଳି ଏକ ଚରମ ଦୁର୍ଦ୍ଦଶାଗ୍ରସ୍ତ ପରିସ୍ଥିତିରେ ଗତ ଜୁଲାଇ ମାସ ୨୩ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ବଜେଟ ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ଗତ ସାଧାରଣ ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିପାରିନଥିବା ବିଜେପି ଅନ୍ୟ କେତୋଟି ଦଳ ସହିତ ମେଣ୍ଟକରି କେନ୍ଦ୍ରରେ ସରକାର ଗଠନ କରିଛି ଏବଂ ଏହି ସରକାର ଏହାର ପ୍ରଥମ ବଜେଟ ଉପସ୍ଥାପନ କରିଛି। ସ୍ୱାଭାବିକ ଭାବରେ ଏହି ବଜେଟରେ ଖାଦ୍ୟ, ସ୍ୱାସ୍ଥ୍ୟସେବା, ନିଯୁକ୍ତି, ଶିକ୍ଷା ଓ ସାମାଜିକ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକ ଉପରେ ସରକାର ଗୁରୁତ୍ୱ ଦେବେ ବୋଲି ଦେଶର ସାଧାରଣ ଲୋକ ଆଶା କରିଥିଲେ। କୃଷକମାନଙ୍କର ଦୁର୍ଦ୍ଦଶା ଦୂର କରିବାପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ଏବଂ ଧନୀ ଦରିଦ୍ର ମଧ୍ୟରେ ଆର୍ଥିକ ବୈଷମ୍ୟ ଦୂର କରିବାପାଇଁ ବଜେଟ ଦିଗନିର୍ଦ୍ଦେଶ କରିବ ବୋଲି ମଧ୍ୟ ଦେଶର ସିଂହଭାଗ ଜନସାଧାରଣ ଆଶା କରିଥିଲେ। ସର୍ବୋପରି ଏହି ବଜେଟ ନୂତନ କର୍ମସଂସ୍ଥାନ ସୃଷ୍ଟି କରିବ ବୋଲି ଆଶା କରାଯାଉଥିଲା। ମାତ୍ର ଦେଖାଗଲା ଦେଶର କୋଟି କୋଟି ଦରିଦ୍ର ଲୋକଙ୍କର ଜୀବନ ଯନ୍ତ୍ରଣା ଲାଘବ କରିବାପାଇଁ ଏହି ବଜେଟରେ କେନ୍ଦ୍ର ସରକାର ସାମାନ୍ୟତମ ଉଦ୍ୟମ ମଧ୍ୟ କରିନାହାନ୍ତି। କର୍ମସଂସ୍ଥାନ ସୃଷ୍ଟି ନାମରେ ସରକାରଙ୍କର କେତେକ ଅସ୍ପଷ୍ଟ ଓ ଅବାସ୍ତବ ଘୋଷଣା ଏବଂ ପରିସଂଖ୍ୟାନଗତ ଜାଲିଆତିକୁ ବାଦ ଦେଇ ଏହି ବଜେଟରେ ଦେଶର କର୍ମହୀନ ଯୁବକ ଯୁବତୀମାନଙ୍କ ପାଇଁ ଆଉ କିଛି ନାହିଁ। ପୁଷ୍ଟୀହୀନତା ଦୂର କରିବାପାଇଁ 'ସକ୍ଷମ ଅଙ୍ଗନୱାଡି' ଓ 'ପୋଷଣ-୨' ନାମରେ ଚାଲିଥିବା ଦୁଇଟି ଯୋଜନାରେ ଆବଶ୍ୟକୀୟ ବ୍ୟୟ ବରାଦ ଆବଶ୍ୟକ ଥିଲା। ମାତ୍ର ଗତବର୍ଷ ବଜେଟରେ ଏହି ଦୁଇଟି ଯୋଜନା ପାଇଁ ଯାହା ବ୍ୟୟ ବରାଦ ହୋଇଥିଲା ଚଳିତ ବଜେଟ୍‌ରେ ତାଠାରୁ ୩୦୦କୋଟି ଟଙ୍କା କମ୍ ବ୍ୟୟ ବରାଦ କରାଯାଇଛି। ଏହା କ'ଣ ବିଜେପି ମାର୍କା ଜନଦରଦୀ ସରକାରର ଜନମୁଖୀ ପଦକ୍ଷେପ? ବର୍ତ୍ତମାନ ଦେଶରେ 'ଅମୃତ କାଳ' ଚାଲିଛି ବୋଲି କେନ୍ଦ୍ର ବିଜେପି ନେତୃତ୍ୱାଧୀନ ସରକାର ଜୋରଦାର ପ୍ରଚାର କରୁଛି। ମାତ୍ର ଅନ୍ୟଦିଗରେ ବିଶ୍ୱ କ୍ଷୁଧା ସୂଚନାଙ୍କରେ ୧୨୫ଟି ଦେଶ ମଧ୍ୟରେ ଭାରତର ସ୍ଥାନ ହୋଉଛି ୧୧୧। ପ୍ରତିଦିନ କୋଟି କୋଟି ଲୋକ କ୍ଷୁଧାର୍ତ୍ତ ଅବସ୍ଥାରେ ଦିନ କାଟୁଛନ୍ତି। ଏହି ପରିସ୍ଥିତିରେ କଣ୍ଟ୍ରୋଲ ଜରିଆରେ ସାଧାରଣ ଲୋକଙ୍କ ନିକଟରେ ଖାଦ୍ୟ ସାମଗ୍ରୀ ପହଂଚାଇଦେବା ଯେକୌଣସି ସରକାରର ନ୍ୟୁନତମ କର୍ତ୍ତବ୍ୟ। ମାତ୍ର ପୂର୍ବ ବର୍ଷର ବଜେଟ ତୁଳନାରେ ଚଳିତ ବଜେଟରେ ଖାଦ୍ୟ ଓ ଗଣବଣ୍ଟନ ବ୍ୟବସ୍ଥା ପାଇଁ ୮ହଜାର ୯୦୫କୋଟି ଟଙ୍କା ହ୍ରାସ କରାଯାଇଛି। କେବଳ ସେତିକି ନୁହେଁ, ଏଥର ବଜେଟରେ ଖାଦ୍ୟ ଦ୍ରବ୍ୟ ଉପରେ ଦିଆଯାଉଥିବା ସବ୍‌ସିଡି ମଧ୍ୟ ୭ହଜାର ୮୨କୋଟି ଟଙ୍କା ହ୍ରାସ କରାଯାଇଛି। ମାତ୍ର ବଜେଟ୍ ଆଗାତ କରାଯିବାର ଠିକ୍ ପୂର୍ବଦିନ ସଂସଦରେ ସରକାର ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରୁ ସ୍ପଷ୍ଟ ହେଉଛି ଯେ ସରକାରୀ ଗୋଦାମରେ ଗଚ୍ଛିତ ଖାଦ୍ୟଶସ୍ୟର ପରିମାଣ ଦେଶର ଲୋକଙ୍କ ପ୍ରୟୋଜନ ତୁଳନାରେ ତିନିଗୁଣରୁ ଅଧିକ।

ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ପାଇଁ ପ୍ରାଥମିକ ସ୍କୁଲର ଛାତ୍ରମାନଙ୍କ ପାଇଁ ମୁଣ୍ଡପିଛା ୫ଟଙ୍କା ୪୫ ପଇସା ଓ ଉଚ୍ଚ ପ୍ରାଥମିକ ସ୍କୁଲର ପିଲାଙ୍କ ପାଇଁ ମୁଣ୍ଡପିଛା ୮ଟଙ୍କା ୧୭ପଇସା ଲେଖାଏଁ ଦିଆଯାଉଛି। ବର୍ତ୍ତମାନର ମହରଗ ଯୁଗରେ ଏହି ଟଙ୍କାରେ ପୁଷ୍ଟିକର ଖାଦ୍ୟ ଦୂରେ ଥାଉ ପେଟପୁରା ଭାତମୁଠେ ମଧ୍ୟ ଯୋଗାଇବା କାର୍ଯ୍ୟତଃ ଅସମ୍ଭବ। ଏହାବ୍ୟତୀତ ଏହି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଅତ୍ୟନ୍ତ ସ୍ୱଳ୍ପ ପାରିଶ୍ରମିକରେ ଦୀର୍ଘ ବହୁବର୍ଷଧରି କାମ କରୁଥିବା ପାଚିକା ସହାୟିକାମାନେ ସମାଜର ସବୁଠାରୁ ଦୁର୍ବଳ ବର୍ଗର ମହିଳା। ଏହି ଅବସ୍ଥାରେ ଦେଶର ସାଧାରଣ ଘରର ଛାତ୍ରଛାତ୍ରୀ ଓ ଅସହାୟ ଦରିଦ୍ର ପାଚିକା-ସହାୟିକାମାନଙ୍କ ପ୍ରତି ସାମାନ୍ୟତମ ସହାନୁଭୂତି ଥିଲେ ସରକାର ଏହି ଯୋଜନାପାଇଁ ଯଥେଷ୍ଟ ବ୍ୟୟବରାଦ ବୃଦ୍ଧି କରିଥାନ୍ତେ, ପାଚିକା-ସହାୟିକା ମାନଙ୍କର ପାଉଣା ବୃଦ୍ଧି କରିଥାନ୍ତେ। ମାତ୍ର ଚଳିତ ବର୍ଷର ବଜେଟ୍‌ରେ ଏହି ଯୋଜନା ପାଇଁ ପୂର୍ବ ତୁଳନାରେ ଅତ୍ୟନ୍ତ ଅମାନବୀୟ ଭାବରେ ୨୧୩.୫ କୋଟି ଟଙ୍କା ହ୍ରାସ କରିଛନ୍ତି। ଦେଶରେ ଯେ ଅମୃତକାଳ ଚାଲିଛି ସରକାରଙ୍କର ଏହି ପଦକ୍ଷେପ ସେ ସଂପର୍କରେ ଆଉ କୌଣସି ସନ୍ଦେହର ଅବକାଶ ରଖିନାହିଁ।

### ସ୍ୱାସ୍ଥ୍ୟସେବା ପାଇଁ ବାସ୍ତବରେ ବ୍ୟୟବରାଦ ହ୍ରାସ ପାଇଛି

ପରିସଂଖ୍ୟାନ ଅନୁଯାୟୀ ସ୍ୱାସ୍ଥ୍ୟସେବା ପାଇବାପାଇଁ ଦେଶର ସାଧାରଣ ଲୋକଙ୍କୁ ନିଜ ପକେଟରୁ ବିପୁଳ ପରିମାଣର ଅର୍ଥ ବ୍ୟୟ କରିବାକୁ ହେଉଛି। ଅନ୍ୟାନ୍ୟ ବିକାଶମୁଖୀ ଦେଶମାନଙ୍କ ତୁଳନାରେ ଭାରତରେ ଏହି ଖର୍ଚ୍ଚ ଅନେକ ଅଧିକ। ଖୋଦ ନୀତି ଆୟୋଗର ସମୀକ୍ଷା ଅନୁଯାୟୀ, ପ୍ରତିବର୍ଷ ଦେଶର ଅନ୍ତତଃ ୧୦କୋଟି ଲୋକଙ୍କୁ ଚିକିତ୍ସା ଖର୍ଚ୍ଚ ତୁଲାଇବାକୁ ଯାଇ ଦାରିଦ୍ର୍ୟର କବଳରେ ପଡିବାକୁ ହେଉଛି। କୌଣସି ଗୁରୁତର ରୋଗହେଲେ ସେଥିପାଇଁ ବିପୁଳ ପରିମାଣର ଟଙ୍କା କେଉଁଠୁ ଆସିବ ସେକଥା ଚିନ୍ତାକରି ଶତକଡା ୪୭ଭାଗ ଲୋକ ଗଭୀର ଭାବରେ ଚିନ୍ତାଗ୍ରସ୍ତ। ଏହି ପରିସ୍ଥିତିରେ ଚଳିତବର୍ଷର ବଜେଟ୍‌ରେ ସ୍ୱାସ୍ଥ୍ୟସେବା ପାଇଁ ଗତ ବଜେଟ ତୁଳନାରେ ଟଙ୍କା ହିସାବରେ ଶତକଡା ୧.୭ ଭାଗ ବୃଦ୍ଧି କରାଯାଇଛି। ମୂଲ୍ୟବୃଦ୍ଧିର ହାରକୁ କମ୍‌କରି ଧରିଲେ ମଧ୍ୟ ପ୍ରକୃତରେ ସ୍ୱାସ୍ଥ୍ୟସେବାପାଇଁ ବଜେଟରେ ବ୍ୟୟବରାଦ ଶତକଡା ୧ଭାଗ ହ୍ରାସ ପାଇଛି। ବହୁ ପ୍ରଚାରିତ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ବ୍ୟୟବରାଦ ପ୍ରାୟ ୧ହଜାର କୋଟି ଟଙ୍କା ହ୍ରାସ କରାଯାଇଛି। ନୂଆ ଏମ୍‌ସ୍ ହାସପାତାଳ ନିର୍ମାଣ, ସଂକ୍ରାମକ ରୋଗ ପ୍ରତିରୋଧ ପାଇଁ ଉନ୍ନତ ଚିକିତ୍ସା ଭିତ୍ତିଭୂମି ଗଢିତୋଳିବା, ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନ, ଜରୁରୀ କାଳୀନ ଚିକିତ୍ସା ସମେତ ଆହୁରି ଅନେକ କ୍ଷେତ୍ରରେ ଭିତ୍ତିଭୂମି ନିର୍ମାଣ ପାଇଁ ଖର୍ଚ୍ଚ କାଟ କରାଯାଇଛି। ପୁରୁଣା ଏମ୍‌ସ୍ ମାନଙ୍କରେ ଆବଶ୍ୟକ ସଂପ୍ରସାରଣ ଓ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ନିଯୁକ୍ତି ପାଇଁ ମଧ୍ୟ ଆବଶ୍ୟକ ବ୍ୟୟ ବରାଦ କରାଯାଇନାହିଁ। କେବଳ ମାତ୍ର ତିନିଟି କ୍ୟାନସର ଔଷଧ ଉପରୁ ଶୁଳ୍କ ଛାଡକରି ଅର୍ଥମନ୍ତ୍ରୀ ତାଙ୍କ ଦାୟିତ୍ୱ ଶେଷ କରିଛନ୍ତି। ଗତବର୍ଷ ବଜେଟରେ ମହିଳାମାନଙ୍କର ଜରାୟୁ ମୁଖ କର୍କଟ ଓ ସିକିଲସେଲ ରକ୍ତହୀନତା ଦୂର କରିବାପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ବିରାଟ ପ୍ରକଳ୍ପର ଘୋଷଣା କରିଥିଲେ ମାତ୍ର ଚଳିତ ବଜେଟରେ ସେ ସଂପର୍କରେ କୌଣସି ଉଲ୍ଲେଖ ନାହିଁ।

### ଶିକ୍ଷା କ୍ଷେତ୍ରରେ ଅବସ୍ଥା ବି କହିଲେ ନସରେ

ସ୍ୱାଧୀନତା ଅର୍ଜନ ସମୟରୁ ହିଁ ଶିକ୍ଷାବିତ୍ ଓ ବିଶେଷଜ୍ଞମାନେ ଅନ୍ୟାନ୍ୟ ବହୁ ଦିଗ ସହିତ ଜାତୀୟ ଆୟର ଏକ ବଡ ଅଂଶ ଶିକ୍ଷା ପାଇଁ ବ୍ୟୟ କରିବାକୁ ଦାବି କାରିଆସୁଛନ୍ତି। ଚଳିତବର୍ଷର ବଜେଟରେ ଶିକ୍ଷାପାଇଁ ସାମାନ୍ୟ ବ୍ୟୟବରାଦ ବୃଦ୍ଧି କରାଯାଇଥିଲେ ମଧ୍ୟ ମୁଦ୍ରାସ୍ପିତିକୁ ବିଚାରକୁ ନେଲେ ବାସ୍ତବରେ ବ୍ୟୟବରାଦ ଯେ ହ୍ରାସ ପାଇଛି ସେକଥା ସ୍ପଷ୍ଟ ହୋଇଯିବ। ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି କ୍ଷେତ୍ରଟି ପାଇଁ ମୋଟ ବଜେଟ ବ୍ୟୟର ମାତ୍ର ୨.୬ ଶତାଂଶ ଖର୍ଚ୍ଚ କରିବାପାଇଁ ଅର୍ଥମନ୍ତ୍ରୀ ପ୍ରସ୍ତାବ ରଖିଛନ୍ତି। ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚଶିକ୍ଷା ପାଇଁ ବ୍ୟୟ ବରାଦ ବୃଦ୍ଧି କରା ଯାଇନାହିଁ। ମାଦ୍ରାସା ଶିକ୍ଷା ଓ ସଂଖ୍ୟାଲଘୁମାନଙ୍କ ଶିକ୍ଷାପାଇଁ ବ୍ୟୟବରାଦ ମାରାତ୍ମକ ଭାବରେ ହ୍ରାସ କରାଯାଇଛି। ଅନ୍ୟପଟରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷାମନ୍ତ୍ରୀ ବହୁ ପ୍ରକାର ଋଣର ବ୍ୟବସ୍ଥା କରିଦେଇଛନ୍ତି। ଅର୍ଥାତ୍ ଯୁଗଯୁଗଧରି ଧାରାବାହିକ ସଂଗ୍ରାମର ଫଳଶୃତିରେ ଯେଉଁ ଜ୍ଞାନଭଣ୍ଡାର ମାନବ ସମାଜ ସଂଚିତ କରିଛି, ଶିକ୍ଷାର ଅବାଧ ବିସ୍ତାର ମଧ୍ୟଦେଇ ଦେଶର ଛାତ୍ର ସମାଜକୁ ତାର ସଂସ୍ପର୍ଶରେ ଆସିବାର ସୁଯୋଗ ବଦଳରେ ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ସେମାନଙ୍କୁ ଋଣ ଜାଲରେ ଛନ୍ଦି ଦେବାପାଇଁ ଉଦ୍ୟମ କରୁଛି। କେବଳ ସେତିକି ନୁହେଁ, ମୌଳିକ ଶିକ୍ଷା ଓ ଗବେଷଣା ପାଇଁ ବ୍ୟୟବାରଦ ବୃଦ୍ଧି ନକରି ବେକାରୀ ଦୂର କରିବାର ଦିବା ସ୍ୱପ୍ନ ଦେଖାଇ ତଥାକଥିତ କୁଶଳୀମାନବ ସମ୍ବଳ ସୃଷ୍ଟିକରିବାପାଇଁ ତୁଳନାମୂଳକ ଭାବରେ ଅଧିକ ବ୍ୟୟବରାଦ କରିଛି।

### ବଜେଟ୍ କୃଷି ଓ କୃଷକ ସମାଜକୁ ସଂପୂର୍ଣ୍ଣ ଉପେକ୍ଷା କରିଛି

ଆଜିବି ଦେଶର ଶତକଡା ୬୦ଭାଗରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ। ଏ ଦେଶର ଅର୍ଥନୀତି ଆଜି ମଧ୍ୟ ବହୁଳାଂଶରେ କୃଷିନିର୍ଭର। ଏ ଦେଶର କୃଷକ ସମାଜ ବହୁଦିଗରୁ ବଂଚିତ, ଉପେକ୍ଷିତ। ବହୁଜାତୀୟ କମ୍ପାନୀମାନଙ୍କ ଦ୍ୱାରା ସଂପୂର୍ଣ୍ଣ କବଳିତ ହୋଇଥିବା ସାର, ବିହନ, କୀଟନାଶକ ଓ କୃଷି ଯନ୍ତ୍ରପାତି ଖରିଦ କରିବାକୁ ଯାଇ କୃଷିକାର୍ଯ୍ୟ ପାଇଁ କୃଷକମାନଙ୍କର ଖର୍ଚ୍ଚ ବଢିଚାଲିଛି। ୨୦୧୪ ମସିହା ନିର୍ବାଚନ ପୂର୍ବରୁ ପ୍ରତିଶୃତି ଦେଇଥିଲେ ମଧ୍ୟ କେନ୍ଦ୍ର ବିଜେପି ସରକାର ସ୍ୱାମୀନାଥନ କମିଟି ସୁପାରିଶ ଆଧାରରେ କୃଷକମାନଙ୍କୁ ଫସଲର ସର୍ବନିମ୍ନ ସହାୟକ ଦର ପ୍ରଦାନ କରିନାହିଁ। ଏହାବ୍ୟତୀତ ଚୂଡାନ୍ତ ଭାବରେ ଚାଷୀ ସ୍ୱାର୍ଥ ବିରୋଧୀ ସରକାରୀ ନିୟମ ଯୋଗୁ ସରକାରଙ୍କ ଦ୍ୱାରା ଘୋଷିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ଯଥେଷ୍ଟ କମ୍ ଦାମରେ ଚାଷୀ ଫସଲ ବିକ୍ରି କରିବାକୁ ବାଧ୍ୟ ହେଉଛି। ଗୋଟିଏ ପଟରେ କୃଷିପାଇଁ କ୍ରମବର୍ଦ୍ଧମାନ ଖର୍ଚ୍ଚ ବୃଦ୍ଧି, ଅନ୍ୟପଟରେ ଅଭାବୀ ବିକ୍ରି ଚାଷୀକୁ ଋଣଯନ୍ତାରେ ପକାଇ ଆତ୍ମହତ୍ୟା କରିବାକୁ ବାଧ୍ୟ କରୁଛି। ସମସ୍ତ ଦେଶରେ ଜଳସେଚନ ବ୍ୟବସ୍ଥାର ଅଭାବ ଲାଗିରହିଛି। ସାତଶହରୁ ଅଧିକ ଲଢୁଆ କୃଷକ ପ୍ରାଣ ଦେଇଥିବା ଦିଲ୍ଲୀ ସୀମାନ୍ତରେ ଐତିହାସିକ କୃଷକ ଆନ୍ଦୋଳନର ନେତାମାନଙ୍କୁ ଏମ୍‌ଏସ୍‌ପିକୁ ଆଇନ ସମ୍ମତ କରିବା ଓ ସ୍ୱାମୀନାଥନ କମିଟି ସୁପାରିଶ ଅନୁଯାୟୀ ସମସ୍ତ ଫସଲର ଏମ୍‌ଏସ୍‌ପି ଧାର୍ଯ୍ୟ କରିବାପାଇଁ ମିଥ୍ୟା ପ୍ରତିଶୃତି ଦେଇ କେନ୍ଦ୍ର ସରକାର କୃଷକମାନଙ୍କୁ ପ୍ରତାରିତ କରିଛି। ଚଳିତ ବଜେଟରେ କୃଷି ଓ କୃଷକର ଉନ୍ନତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗତ ବଜେଟ ତୁଳନାରେ ଟଙ୍କା ଅର୍ଥରେ କୃଷିପାଇଁ ସମାନ୍ୟ ଅଧିକ ବ୍ୟୟବରାଦ କରାଯାଇଥିଲେ ମଧ୍ୟ ମୁଦ୍ରସ୍ପିତିକୁ ହିସାବକୁ ନେଲେ ପ୍ରକୃତପକ୍ଷେ କୃଷିପାଇଁ ବ୍ୟୟବରାଦ ହ୍ରାସ ପାଇଛି। କେବଳ ତା' ନୁହେଁ, ସରକାର ଚଳିତ ବଜେଟରେ ସାର ମନ୍ତ୍ରଣାଳୟର ବ୍ୟୟବରାଦ ମଧ୍ୟ ହ୍ରାସ କରିଛି। ଜଳସେଚନ ପାଇଁ ଉଦ୍ଦିଷ୍ଟ ବଜେଟ୍ ୨୪ ହଜାର ୮୯୪ କୋଟି ଟଙ୍କା ହ୍ରାସ କରାଯାଇଛି। ସାର ଉପରେ ସବ୍‌ସିଡି ହ୍ରାସ କରାଯାଇଛି। ସମଗ୍ର ଦେଶରେ କୃଷକମାନଙ୍କ ଦାବିପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ ମଧ୍ୟ କରିନାହିଁ। ସେଥିପାଇଁ ଚଳିତ ବର୍ଷର ବଜେଟ୍‌ରେ ଫସଲର ନ୍ୟୁନତମ ସହାୟକ ଦର ସଂପର୍କରେ ସରକାର କୌଣସି ଉଲ୍ଲେଖ ମଧ୍ୟ କରିନାହାନ୍ତି।

### କର୍ମସଂସ୍ଥାନ ଆଳରେ ପ୍ରତାରଣା ଓ ଅବାସ୍ତବ ପରିକଳ୍ପନା

ଚଳିତ ବଜେଟ୍ ଦେଶର ଚାକିରି ଆଶାୟୀ ଯୁବକ ଯୁବତୀମାନଙ୍କ ପ୍ରତି ସବୁଠାରୁ ନିଷ୍ଠୁର ପ୍ରତାରଣା କରିଛି। ବେକାରୀ, ସାଧାରଣ ଲୋକଙ୍କ ଦାରିଦ୍ର୍ୟ, ଦରଦାମ ବୃଦ୍ଧି, ପ୍ରଭୃତି ଯୋଗୁ ଗତ ସାଧାରଣ ନିର୍ବାଚନରେ ବିଜେପି ସଂଖ୍ୟାଗରିଷ୍ଠତା ଲାଭ କରିପାରିନାହିଁ ବୋଲି ବୁଝିପାରି ଅର୍ଥମନ୍ତ୍ରୀ ତାଙ୍କ ବଜେଟ ଭାଷଣରେ ବାରମ୍ବାର କର୍ମସଂସ୍ଥାନ ଶବ୍ଦଟିକୁ ଉଚ୍ଚାରଣ କରିଛନ୍ତି। ଯାହା ପୂର୍ବ ବର୍ଷର ଭାଷଣ ଗୁଡିକରେ ଶୁଣିବାକୁ ମିଳି ନଥିଲା। ମାତ୍ର କେବେଳ ସେତିକି। ବାସ୍ତବରେ କର୍ମସଂସ୍ଥାନ ସୃଷ୍ଟି ସଂପର୍କରେ ଅର୍ଥମନ୍ତ୍ରୀ ଯେଉଁ ପରିକଳ୍ପନା ପେଶ କରିଛନ୍ତି ସେସବୁ ଯେଭଳି ଅସ୍ପଷ୍ଟ, ସେ ସଂପର୍କିତ ପରିସଂଖ୍ୟାନ ମଧ୍ୟ ସେହିଭଳି ବିଭ୍ରାନ୍ତିକର।

ବଜେଟ୍‌ରେ ଆଗାମୀ ପାଂଚବର୍ଷରେ ୪କୋଟି ୧୦ଲକ୍ଷ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଯୋଗାଇବା ପାଇଁ ବିରାଟ ଘୋଷଣା କରାଯାଇଛି। ତା କିଭଳି ସମ୍ଭବ ହେବ ସେକଥା ମଧ୍ୟ ଅର୍ଥମନ୍ତ୍ରୀ ହିସାବ କରି ଦେଖାଇଛନ୍ତି। ଅବଶ୍ୟ ସେହି ହିସାବ ଜାଲିଆତିରେ ପରିପୂର୍ଣ୍ଣ ଏବଂ ବାସ୍ତବତା ସହିତ ତାର କୌଣସି ସଂପର୍କ ନାହିଁ। ତେବେ ଏହା ମଧ୍ୟ ଦେଇ ମାଲିକମାନଙ୍କୁ ମୁନାଫା ଲୁଟ୍‌ର ସୁଯୋଗ ଦେବାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଉଛି। ଆହୁରି ମଧ୍ୟ ବୁଝି ହେଉଛି ଯେ କର୍ମସଂସ୍ଥାନ ସୃଷ୍ଟିର ଦାୟିତ୍ୱଟି ସରକାର ନିଜ କାନ୍ଧରୁ ଓହ୍ଲାଇଦେଇ ସଂପୂର୍ଣ୍ଣ ଘରୋଇ ସଂସ୍ଥାମାନଙ୍କ ହାତରେ ଦେଇଦେବାକୁ ଉଦ୍ୟମ କରିଛନ୍ତି। ସେଥିପାଇଁ ଖାଲିପଡିଥିବା ପ୍ରାୟ ୧୦ଲକ୍ଷ ସ୍ଥାୟୀ ପଦବୀରେ ନିଯୁକ୍ତି ସଂପର୍କରେ ଅର୍ଥମନ୍ତ୍ରୀ ସଂପୂର୍ଣ୍ଣ ନିରବ।

ଅର୍ଥମନ୍ତ୍ରୀ କର୍ମସଂସ୍ଥାନ ସୃଷ୍ଟି ସହିତ ସଂପର୍କିତ ତିନୋଟି ଯୋଜନା ଘୋଷଣା କରିଛନ୍ତି।

ପ୍ରଥମ ପ୍ରକଳ୍ପ ଅନୁଯାୟୀ ଭବିଷ୍ୟନିଧି ଫଣ୍ଡ(Provident Fund) ଖାତାରେ ନୂଆକରି ନାମ ଦରଜ ହୋଇଥିବା କର୍ମଚାରୀମାନଙ୍କର ପ୍ରଥମ ମାସର ଦରମା ସହିତ ତିନିଟି କିସ୍ତିରେ ସରକାର ୧୫ହଜାର ଲେଖାଏଁ ଟଙ୍କା ଦେବେ। ଏହି ବ୍ୟବସ୍ଥା ଗୋଟିଏ ବର୍ଷପାଇଁ। ବର୍ଷେ ପରେ ଏମାନଙ୍କର ଚାକିରି ରହିବ କି ନା ସେ ବିଷୟରେ ମନ୍ତ୍ରୀ କିଛି କହିନାହାନ୍ତି।

ଦ୍ୱିତୀୟ ଯୋଜନା ହେଉଛି, ଶିଳ୍ପ କ୍ଷେତ୍ରରେ ନୂଆକରି କାମରେ ବାହାଲ ହେଉଥିବା ଶ୍ରମିକମାନଙ୍କର ପ୍ରୋଭିଡେଣ୍ଟ ଫଣ୍ଡ ଟଙ୍କା ସରକାର ବହନ କରିବେ। ଆଇନ ଅନୁଯାୟୀ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଯେଉଁ ଟଙ୍କା ମାଲିକ ଇପିଏଫ୍(Employee Provident Fund)ରେ ଜମାଦେବାପାଇଁ ବାଧ୍ୟ, ୪ବର୍ଷ ପାଇଁ ସେହି ଟଙ୍କା ସରକାର ଜମାଦେବେ। ଏହାଫଳରେ କୁଆଡେ ୩୦ଲକ୍ଷ ବେକାରୀ ଚାକିରି ପାଇବେ। ମାତ୍ର ଏହି ହିସାବ କେଉଁଠୁ ଆସିଲା ସେକଥା କିନ୍ତୁ ଅର୍ଥମନ୍ତ୍ରୀ ଜଣାଇ ନାହାନ୍ତି। ତା'ଛଡା ସରକାରଙ୍କର ଦାବି

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## କେନ୍ଦ୍ରୀୟ ବଜେଟ୍ ...

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ହେଉଛି ମାଲିକମାନେ ଶ୍ରମିକମାନଙ୍କର ଇପିଏଫ୍ ଟଙ୍କା ଦେବାପାଇଁ ଅସମର୍ଥ ହେଉଛନ୍ତି ବୋଲି ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରୁନାହାନ୍ତି। ସରକାର ସେହି ଟଙ୍କା ଦେଇଦେଲେ ପୁଞ୍ଜିପତି-ଶିଳ୍ପପତିମାନେ କୁଆଡେ ଲକ୍ଷ ଲକ୍ଷ ଯୁବକ ଯୁବତୀଙ୍କୁ ଚାକିରିର ବ୍ୟବସ୍ଥା କରିବେ- ଏହି ଧରଣର ହାସ୍ୟାସ୍ପଦ ଯୁକ୍ତି ଅର୍ଥମନ୍ତ୍ରୀ କେଉଁଠୁ ଉଧାର ଆଣିଲେ ସେକଥା କାହାରିକୁ ଜଣାନାହିଁ।

ତୃତୀୟ ଯୋଜନା ଆହୁରି ହାସ୍ୟାସ୍ପଦ। ବଜେଟରେ କୁହାଯାଇଛି, ଦେଶର ସବୁଠାରୁ ବଡ ୫୦୦ଟି ଘରୋଇ କମ୍ପାନୀରେ ୧କୋଟି ଯୁବକ ଯୁବତୀ ୧ବର୍ଷ ପାଇଁ ଶିକ୍ଷାନବୀଶ ଭାବରେ କାମ କରିବାର ବ୍ୟବସ୍ଥା କରାଯିବ। ସରକାର ପ୍ରତ୍ୟେକ ଶିକ୍ଷାନବୀଶଙ୍କୁ ମାସକୁ ୫ହଜାର ଲେଖାଏଁ ଟଙ୍କା ଦେବେ। ଅର୍ଥାତ୍ ପ୍ରତି ଶିକ୍ଷାନିବୀଶ ପିଛା ସରକାର ବର୍ଷକୁ ୬୦ହଜାର ଖର୍ଚ୍ଚ କରିବେ। ସଂପୃକ୍ତ ଶିକ୍ଷାନବୀଶମାନଙ୍କର କାମ ଶିଖିବାପାଇଁ ବାକି ଖର୍ଚ୍ଚ କମ୍ପାନୀ ବହନ କରିବ। ଅର୍ଥାତ୍ ବେସରକାରୀ କମ୍ପାନୀଗୁଡିକୁ ଶିକ୍ଷାନବୀଶ ଯୋଗାଣ ନାମରେ ଗୋଟିଏ ବର୍ଷ ପାଇଁ ନାମ ମାତ୍ର ବ୍ୟୟରେ ଶ୍ରମିକ ଯୋଗାଣର ବ୍ୟବସ୍ଥା ସରକାର କରିବେ। କିନ୍ତୁ ମୂଳ ସମସ୍ୟା ଅନ୍ୟ ସ୍ଥାନରେ ରହିଛି। ଅର୍ଥମନ୍ତ୍ରୀଙ୍କ ହିସାବ ଅନୁଯାୟୀ ପ୍ରତିଟି ସଂସ୍ଥାକୁ ୨୦ହଜାର ଲେଖାଏଁ ଶିକ୍ଷାନବୀଶ ନିଯୁକ୍ତ କରିବାକୁ ହେବ। ଅନ୍ୟଦିଗରେ ହିସାବ କହୁଛି ଦେଶର ମାତ୍ର ୧୩୭ଟି ବଡ ବଡ ସଂସ୍ଥାରେ ବର୍ତ୍ତମାନ ୧୦ହଜାରରୁ ସାମାନ୍ୟ ଅଧିକ ସ୍ଥାୟୀ କର୍ମଚାରୀ ଅଛନ୍ତି। ସୁତରାଂ ଯେଉଁ ସବୁ ସଂସ୍ଥାର ନିଜସ୍ୱ କର୍ମଚାରୀ ସଂଖ୍ୟା ୧୦ହଜାରରୁ ଯଥେଷ୍ଟ କମ୍ ସେହି ସଂସ୍ଥା କିଭଳି ୨୦ହଜାର ଶିକ୍ଷାନବୀଶ ନିଯୁକ୍ତ କରିବେ? ଅର୍ଥମନ୍ତ୍ରୀ ଏହି ପ୍ରଶ୍ନର ଉତ୍ତର ଦେଇନାହାନ୍ତି। ଶିକ୍ଷା ନବୀଶ ଭାବରେ ତାଲିମ ପାଇବାପରେ ସେମାନେ ନିଯୁକ୍ତି ପାଇବେ କି ନା, ପାଇଲେ କେଉଁଠି ପାଇବେ, ସେମାନଙ୍କର ନିଯୁକ୍ତି ସର୍ତ୍ତାବଳୀ କ'ଣ ହେବ, ସେମାନେ କେତେ ଦରମା ପାଇବେ, ଏସବୁ ପ୍ରଶ୍ନର କୌଣସି ଉତ୍ତର ଅର୍ଥମନ୍ତ୍ରୀ ଦେଇ ନାହାନ୍ତି। ମାତ୍ର ଏହାକୁ କେନ୍ଦ୍ର ସରକାରଙ୍କର ବେକାରୀ ବିଲୋପକାରୀ ଯୋଜନା ବୋଲି ଦାବି କରିଛନ୍ତି।

### ମନେରଗା ପାଇଁ ବ୍ୟୟବରାଦ ବୃଦ୍ଧି ପାଇନାହିଁ

ଅର୍ଥମନ୍ତ୍ରୀଙ୍କୁ ନିଶ୍ଚିତ ଭାବରେ ଏହା ଅଜଣା ନାହିଁ ଯେ, ବଜାରରେ ଚାହିଦା, ଅର୍ଥାତ୍ ସାଧାରଣ ଲୋକଙ୍କର କ୍ରୟକ୍ଷମତା ବୃଦ୍ଧି ହେଲେ ହିଁ କାରଖାନା ଚାଲୁ ରହିପାରିବ। ଆଜିର ଦିନରେ ଅର୍ଥନୀତିର ମୂଳ ସମସ୍ୟା ହେଉଛି କ୍ରୟକ୍ଷମତାର ଅଭାବ। ଅର୍ଥାତ୍ ବେକାରୀ, ଛଟେଇ, ରୋଜଗାର ବୃଦ୍ଧି ନପାଇବା, କୃଷି କ୍ଷେତ୍ରରେ ସଂକଟ ଯୋଗୁ ସାଧାରଣ ଲୋକଙ୍କ ହାତରେ ବଜାରରୁ ଆବଶ୍ୟକ ସାମଗ୍ରୀ କ୍ରୟ କରିବାର ଆର୍ଥିକ କ୍ଷମତା ନାହିଁ। ଏହାକୁ ବଜାରରେ ମାନ୍ଦା ଅବସ୍ଥା କୁହାଯାଏ। ଏହି କାରଣରୁ ନୂଆ କଳକାରଖାନା ଖୋଲେନାହିଁ, ଚାଲୁଥିବା କଳକାରଖାନା ପୁରା କ୍ଷମତାରେ ଚାଲିପାରେ ନାହିଁ। କଳକାରଖାନା ବନ୍ଦ ହୁଏ, ଶ୍ରମିକ କାମ ହରାଏ। ଏହାଫଳରେ ବଜାର ସଂକଟ ଆହୁରି ତୀବ୍ର ହୁଏ। ଏହାହିଁ ହେଉଛି ପୁଞ୍ଜିବାଦର ଅନ୍ତର୍ନିହିତ ସଂକଟ। ଏହି ପରିସ୍ଥିତିରେ ସାଧାରଣ ଲୋକ ହାହାକାରମୟ ପରିସ୍ଥିତିରେ ରହିଥିଲାବେଳେ ସେମାନଙ୍କ କ୍ରୟକ୍ଷମତା ସାମାନ୍ୟ ହେଲେ ବି ବୃଦ୍ଧି କରିବାପାଇଁ କ'ଣ କରାଯାଇପାରେ ସେ ସଂପର୍କରେ ବଜେଟ ସଂପୂର୍ଣ୍ଣ ନିରବ। ଏହା ପରିବର୍ତ୍ତେ ମନରେଗା ଜରିଆରେ ଗ୍ରାମାଂଚଳରେ ବର୍ଷରେ ଅନ୍ତତଃ ୧୦୦ଦିନ ପାଇଁ ନିଶ୍ଚିତ କର୍ମଯୋଗାଣ ଉଦ୍ଦେଶ୍ୟରେ ପ୍ରଣିତ ଯୋଜନା ପାଇଁ ବଜେଟ୍‌ରେ ବ୍ୟୟବରାଦ ବୃଦ୍ଧି କରାଯାଇନାହିଁ। ମୁଦ୍ରାସ୍ଫିତିକୁ ବିଚାରକୁ ନେଲେ ଏହି କ୍ଷେତ୍ରରେ ବ୍ୟୟବରାଦ ବାସ୍ତବରେ ହ୍ରାସ ପାଇଛି। ଅନ୍ୟଦିଗରେ ମନରେଗା ମଜୁରୀ ବୃଦ୍ଧିକରି ବିଭିନ୍ନ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଭିନ୍ନ ସମୟରେ ଘୋଷଣା କରୁଥିବା ସର୍ବନିମ୍ନ ମଜୁରୀ ସହିତ ସମାନ କରିବାପାଇଁ ଦୀର୍ଘ ବର୍ଷ ଧରି ଦାବି କରାଯାଉଥିଲେ ମଧ୍ୟ ଏହି ବଜେଟରେ ସେହି ଗୁରୁତ୍ୱପୂର୍ଣ୍ଣ ଦାବି ଉପେକ୍ଷିତ ହୋଇଛି।

### ପ୍ରତିରକ୍ଷା ବିଭାଗ ପାଇଁ ହାତଖୋଲା ଖର୍ଚ୍ଚ

ସାଧାରଣଲୋକଙ୍କୁ ଦୁର୍ବିସହ ଆର୍ଥିକ ଅବସ୍ଥାରୁ ରକ୍ଷା କରିବା ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନଥିଲାବେଳେ ପ୍ରତିରକ୍ଷା ବିଭାଗ ପାଇଁ ହାତ ଖୋଲି ଦେଇଛନ୍ତି। ପ୍ରତିରକ୍ଷା କ୍ଷେତ୍ରପାଇଁ ଚଳିତବର୍ଷ ବଜେଟରେ ସବୁଠାରୁ ଅଧିକ ବ୍ୟୟବରାଦ ହୋଇଛି। ପ୍ରତିରକ୍ଷା କ୍ଷେତ୍ରରେ, ସମୁଦାୟ ୬ଲକ୍ଷ ୨୧ହଜାର ୯୪୦କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ହେଉଛି ବଜେଟରେ ଶତକଡା ୧୩ଭାଗ। ସଂକଟଗ୍ରସ୍ତ ପୁଞ୍ଜିବାଦୀ ଅର୍ଥନୀତିକୁ ରକ୍ଷା କରିବାପାଇଁ ସରକାର ଅର୍ଥନୀତିର ସାମରିକୀକରଣକୁ ଆହୁରି ବ୍ୟାପକ କରିବାର ଉଦ୍ୟମ କରୁଛନ୍ତି।

### ବଜେଟ ଆର୍ଥିକ ଅସାମ୍ୟ ବୃଦ୍ଧି କରିବ

ବାସ୍ତବରେ ରୋଜି ରୁଟିର ବନ୍ଦୋବସ୍ତ ସହିତ ସଂଖ୍ୟାଗରିଷ୍ଠ ଖଟିଖିଆ ଜନସାଧାରଣଙ୍କର ଜୀବନର ମାନ ଉନ୍ନତ କରିବାପାଇଁ କୌଣସି ଉଦ୍ୟମ ଏହି ବଜେଟରେ କରାଯାଇନାହିଁ। ଅଥଚ ଅର୍ଥନୈତିକ ବୈଷମ୍ୟର ବିକଟ ଚେହେରା କ୍ରମାଗତ ପ୍ରକଟିତ ହେଉଛି। ୱାର୍ଲ୍ଡ ଇନଇକ୍ୱାଲିଟି ଲ୍ୟାବର ସାଂପ୍ରତିକ ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ଦେଶର ମାତ୍ର ୧ଶତାଂଶ ଅତି ଧନୀଙ୍କ ହାତରେ ୪୦ଶତାଂଶରୁ ଅଧିକ ସଂପଦ ଠୁଳ ହୋଇଛି। ଚଳିତ ବର୍ଷ ସରକାର ସଂସଦରେ ଉପସ୍ଥାପନ କରିଥିବା ଆର୍ଥିକ ସର୍ଭେ ରିପୋର୍ଟରେ ମଧ୍ୟ ଏହି ବିଭତ୍ସ ଆର୍ଥିକ ଅସାମ୍ୟକୁ ଗୁରୁତର ସମସ୍ୟା ହିସାବରେ ଚିତ୍ରଣ କରାଯାଇଛି। ମାତ୍ର ଏହି ମାରାତ୍ମକ ବୈଷମ୍ୟ ହ୍ରାସ କରିବାପାଇଁ ବଜେଟରେ କୌଣସି ବ୍ୟବସ୍ଥା କରାଯାଇନାହିଁ। ବରଂ ବିପୁଳ ଆୟ କରୁଥିବା ଲୋକ ଏବଂ ଏକଚାଟିଆ ପୁଞ୍ଜିପତିମାନଙ୍କୁ ଏହି ବଜେଟରେ ଯେଉଁଭଳି ଭାବରେ କର ଟିକସ ଛାଡ କରାଯାଉଛି, ତା'ଫଳରେ ଏହି ବୈଷମ୍ୟ ଆହୁରି ବୃଦ୍ଧି ପାଇବ। ଚଳିତ ବଜେଟରେ ସ୍ୱଳ୍ପ ଆୟକାରୀ ଓ ମଧ୍ୟବିତ୍ତମାନଙ୍କ ଉପରେ ଅଧିକ କର ଟିକସ ବୋଝ ଲଦି ଦିଆଗଲା। ଉଦାହରଣ ସ୍ୱରୂପ ପ୍ରଥାଗତ କର ଛାଡ(Standard Deduction)କୁ ବାଦ ଦେଲେ ଚଳିତବର୍ଷଠାରୁ ବାର୍ଷିକ ୮ଲକ୍ଷ ଟଙ୍କା ଆୟ କରୁଥିବା ଲୋକଙ୍କୁ ଆୟକର ଦେବାକୁ ହେବ। ପୂର୍ବରୁ ଏହା କରମୁକ୍ତ ଥିଲା। ପୁଣି ଯେଉଁମାନଙ୍କର ବାର୍ଷିକ ଆୟ ୧୫ଲକ୍ଷରୁ ଅଧିକ ସେମାନଙ୍କୁ ଶତକଡା ୩୦ଭାଗ ହାରରେ ଆୟକର ଦେବାକୁ ହେବ। ଅଥଚ ଏକଚାଟିଆ ପୁଞ୍ଜିପତି, କର୍ପୋରେଟ୍ ହାଉସମାନଙ୍କୁ ଶତକଡା ୨୫ଭାଗ କର ଦେବାକୁ ହେବ। କେନ୍ଦ୍ର ସରକାରଙ୍କର କି ବିଚିତ୍ର ଆର୍ଥିକ ନୀତି ! ଇତିପୂର୍ବରୁ କର୍ପୋରେଟ ଟିକସ ହ୍ରାସ କରାଯିବା ସହିତ ଏକଚାଟିଆ ପୁଞ୍ଜିପତିମାନଙ୍କୁ ଉତ୍ପାଦନ ସହିତ ଯୁକ୍ତ ସୁବିଧା ସୁଯୋଗ(Production Linked Incentive) ଦିଆ ଯାଉଥିଲା। ଅନ୍ୟାନ୍ୟ ବହୁ ସୁବିଧା ସୁଯୋଗ ମଧ୍ୟ ଦିଆଯାଉଥିଲା। ଏହି ସୁବିଧା ସୁଯୋଗ ଫଳରେ ଗତ ଦୁଇବର୍ଷ ମଧ୍ୟରେ ଏକଚାଟିଆ ପୁଞ୍ଜିପତିମାନଙ୍କ ମୁନାଫା ବହୁଗୁଣିତ ହୋଇଥିଲେ ମଧ୍ୟ ଏହି ଏକଚାଟିଆ ପୁଞ୍ଜିପତିମାନେ ନୂତନ ନିଯୁକ୍ତି ସୃଷ୍ଟିକରି ନାହାନ୍ତି। ବରଂ ବହୁ ସଂଖ୍ୟକ କର୍ମଚାରୀ କାମ ହରାଇଛନ୍ତି ବୋଲି ଚଳିତବର୍ଷ କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ଉପସ୍ଥାପନ କରିଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ସ୍ୱୀକାର କରିଛନ୍ତି। ମାତ୍ର ଏକଚାଟିଆ ପୁଞ୍ଜିପତିମାନଙ୍କ ମୁନାଫା ବହୁଗୁଣିତ ହୋଇଥିଲେ ମଧ୍ୟ ସେମାନଙ୍କଠାରୁ ଆଦାୟ କରାଯାଉଥିବା ଟିକସ ବୃଦ୍ଧି କରାଯାଇନାହିଁ। ଅନ୍ୟପଟରେ ନୂତନ ନିଯୁକ୍ତି ସହିତ ଯୁକ୍ତ ସୁବିଧା ସୁଯୋଗ(Employment Linked Incentive) ଅର୍ଥାତ୍ ନୂଆଲୋକଙ୍କୁ ନିଯୁକ୍ତି ଦେବାପାଇଁ ଆର୍ଥିକ ସହାୟତା ଆଳରେ ଏକଚାଟିଆ ପୁଞ୍ଜିପତିମାନଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କା ସରକାର ଖୋଲା ହାତରେ ବାଣ୍ଟି ଦେଇଛନ୍ତି। ଏହାଫଳରେ ସମାଜରେ ଆର୍ଥିକ ବୈଷମ୍ୟ ଆହୁରି ଉତ୍କଟ ହେବା ନିଶ୍ଚିତ। ବିଦେଶୀ ସଂସ୍ଥାଗୁଡିକ ପାଇଁ ମଧ୍ୟ ବଜେଟରେ ଟିକସ ହ୍ରାସ କରାଯାଇଛି।

ସୁତରାଂ, ଦେଖାଯାଉଛି ଯେ ଚଳିତ ବଜେଟରେ କେନ୍ଦ୍ର ସରକାର ଦାରିଦ୍ର୍ୟ-ବେକାରୀ-ମୂଲ୍ୟବୃଦ୍ଧି ଫଳରେ ବିପନ୍ନ ଦେଶର କୋଟି କୋଟି ମେହେନତୀ ଜନସାଧାରଣଙ୍କର ଜୀବନ ଯନ୍ତ୍ରଣା ଲାଘବ କରିବା ପାଇଁ ସାମାନ୍ୟ ଉଦମ୍ୟ କରିନାହାନ୍ତି। ଅନ୍ୟପଟରେ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କ ସଂପଦ ଅଧିକରୁ ଅଧିକ ବୃଦ୍ଧି କରାଇବାପାଇଁ ସରକାର ବଜେଟ ମାଧ୍ୟମରେ ସମସ୍ତ ବନ୍ଦୋବସ୍ତ କରିଦେଇଛନ୍ତି।

ବାସ୍ତବରେ ଏହା ହିଁ ସେମାନଙ୍କର ଏକମାତ୍ର କାମ। ସାଧାରଣ ଲୋକଙ୍କୁ ଆଜି ଏକଥା ସ୍ପଷ୍ଟ ଭାବରେ ବୁଝିନେବାକୁ ହେବ ଯେ, ଭାରତରେ ପୁଞ୍ଜିବାଦୀ ରାଷ୍ଟ୍ରର ନିୟନ୍ତ୍ରଣକାରୀ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ରାଜନୈତିକ ମ୍ୟାନେଜର ଭାବରେ ହିଁ ଏ ଦେଶର ସରକାରମାନେ କାମ କରୁଛନ୍ତି। ସୁତରାଂ ବଜେଟ ମାଧ୍ୟମରେ ହେଉ ବା ଅନ୍ୟଭାବରେ ହେଉ ସଦାସର୍ବଦା ଏହି ସରକାରମାନଙ୍କର ଲକ୍ଷ୍ୟ ହେଉଛି ଜନସାଧାରଣଙ୍କୁ ବଂଚିତ କରି, ସେମାନଙ୍କୁ ନିର୍ଦ୍ଦୟ ଭାବରେ ଶୋଷଣ କରି ଏକଚାଟିଆ ପୁଞ୍ଜିପତି ମାନଙ୍କ ମୁନାଫା ବୃଦ୍ଧି କରିବା। ଆଜି ସାଧାରଣ ଲୋକଙ୍କୁ ଏକଥା ବୁଝିନେବାର ସମୟ ଆସିଛି ଯେ ଭୋଟ ମାଧ୍ୟମରେ ସରକାର ପରିବର୍ତ୍ତନ କରି ଏହି ପରିସ୍ଥିତିର ପରିବର୍ତ୍ତନ କରାଯାଇ ପାରିବନାହିଁ। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ସରକାର ପରିବର୍ତ୍ତେ ଅନ୍ୟକୌଣସି ଦଳର ସରକାର କ୍ଷମତାସୀନ ହେଲେ ମଧ୍ୟ ଜନଜୀବନରେ ଉନ୍ନୟନର ଜୁଆର ଆସିବ ନାହିଁ। ତା କରିବାକୁ ହେଲେ ପ୍ରଚଳିତ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ହେବ।

★ ★ ★

## ସର୍ବହରାର ମହାନ ନେତା ...

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପରିଚାଳନା କରି ପାର୍ଟି ବ୍ୟାପକ ଅଂଶର ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ଭାଜନ ହୋଇଛି। କମ୍ରେଡ୍ ଦାଶଗୁପ୍ତ ଆହୁରି କହିଥିଲେ ଗତ ୧୦ ବର୍ଷ ଧରି କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର ବିରୁଦ୍ଧରେ ପ୍ରବଳ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା। ମାତ୍ର ଦେଶରେ ବାମପନ୍ଥୀ ଦଳମାନଙ୍କ ନେତୃତ୍ୱରେ ଶକ୍ତିଶାଳୀ ଗଣ ଆନ୍ଦୋଳନର ଅନୁପସ୍ଥିତି ଯୋଗୁ ଏହି ଦଳ ଗତ ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ପାରିନଥିଲେ ମଧ୍ୟ ଚୂଡ଼ାନ୍ତ ପରାଜୟ ର ସମ୍ମୁଖୀନ ହୋଇନାହିଁ। ଭିନ୍ନ ଭିନ୍ନ ଦଳ ସହିତ ମେଣ୍ଟ କରି ପୁନର୍ବାର କ୍ଷମତାସୀନ ହୋଇଛି। ଏହା ସତ୍ତ୍ୱେ ବିଜେପି - ଆରଏସ୍ଏସ୍ ଉଗ୍ର ସାଂପ୍ରଦାୟିକତାକୁ ଆଧାରକରି ଶୋଷିତ ଜନସାଧାରଣଙ୍କ ଏକତାକୁ ବିନଷ୍ଟ କରୁଛି, ଏହାଫଳରେ ପୁଞ୍ଜିବାଦୀ ଶୋଷଣ ଆହୁରି ତୀବ୍ର ଓ ଅମାନବୀୟ ହେଉଛି। ସଂସଦୀୟ ଗଣତନ୍ତ୍ରର ମୁଖା ପଛରେ କେନ୍ଦ୍ର ସରକାର ଫାସୀବାଦି ଏକଛତ୍ରବାଦ ପ୍ରତିଷ୍ଠା ମାଧ୍ୟମରେ ଜନସାଧାରଣଙ୍କର ପ୍ରତିବାଦର ସ୍ୱରକୁ ସ୍ତବ୍ଧ କରିବାପାଇଁ ମାରାତ୍ମକ ସ୍ୱେରାଚାରୀ ଆଇନ ପ୍ରଣୟନ କରୁଛି । ଏହିଭଳି ପରିସ୍ଥିତିରେ କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷାର ଆଧାରରେ ଦେଶରେ ଗଣ ଆନ୍ଦୋଳନ ଓ ବିପ୍ଳବୀ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଇ କମ୍ରେଡ ଦାଶଗୁପ୍ତ ତାଙ୍କର ବକ୍ତବ୍ୟ ସାଙ୍ଗ କରିଥଲେ। ଏହାପରେ ଦଳର କେନ୍ଦ୍ରୀୟ କମିଟି ସଦସ୍ୟ ତଥା ରାଜ୍ୟ କମିଟିର ସଂପାଦକ କମ୍ରେଡ୍ ଶଙ୍କର ଦାଶଗୁପ୍ତ ତାଙ୍କର ବକ୍ତବ୍ୟରେ କହିଥିଲେ ଯେ ରାଜ୍ୟରେ ପ୍ରଥମ ଥର ପାଇଁ ଏକକ ଭାବେ ବିଜେପି କ୍ଷମତାସୀନ ହୋଇଥିଲେ ମଧ୍ୟ ଏହି ଦଳ ପୂର୍ବରୁ ୯ ବର୍ଷ ଧରି ବିଜେଡି ଦଳ ସହିତ ମେଣ୍ଟ କରି କ୍ଷମତା ଉପଭୋଗ କରିଛି। ରାଜ୍ୟ ବିଜେପି ସରକାର କ୍ଷମତା ହରାଇଥିବା ବିଜେଡି ଦଳର ସରକାର ତଥା କେନ୍ଦ୍ର ସରକାରର ସମସ୍ତ ଜନସ୍ୱାର୍ଥ ବିରୋଧୀ କଳା ଆଇନ ଓ ନୀତି ଗୁଡିକୁ ରାଜ୍ୟରେ ଦ୍ରୁତ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇ ଚାଲିଛି। ଏହି ପରିସ୍ଥିତିରେ କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଓ ଶିକ୍ଷାର ଆଧାରରେ ନିଜକୁ ଉନ୍ନତ କମ୍ୟୁନିଷ୍ଟ ଭାବରେ ବିକଶିତ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ଜ୍ୱଳନ୍ତ ସମସ୍ୟାର ସମାଧାନ ପାଇଁ ଦୁର୍ବାର ଗଣଆନ୍ଦୋଳନ ଗଢିତୋଳିବାକୁ ସେ ଆହ୍ୱାନ ଦେଇଥିଲେ । ସଭାପତିଙ୍କ ଅଭିଭାଷଣ ଓ ଆନ୍ତର୍ଜାତିକ ସଙ୍ଗୀତ ପରିବେଷଣ ପରେ ସଭା ଶେଷ ହୋଇଥିଲା ।


★ ★ ★

## ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କ ପ୍ରତି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଶ୍ରଦ୍ଧାଞ୍ଜଳି




ଝାଡ଼ଖଣ୍ଡରେ ଘଟିଥିବା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ରାଉରକେଲାର ଦୁଇଜଣ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍ ୟୁ ସି ଆଇ (କମ୍ୟୁନିଷ୍ଟ) ରାଉରକେଲା ସିଭିଲ ଟାଉନ୍‌ସିପ ଲୋକାଲ କମିଟି ତରଫରୁ ଗଭୀର ଶୋକ ପ୍ରକାଶ ପୂର୍ବକ ଡେଲିମାର୍କେଟ ସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟିର ସମ୍ପାଦକ ଶ୍ରୀ ବିଷ୍ଣୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସୁନ୍ଦରଗଡ ଜିଲ୍ଲା କମିଟି ସମ୍ପାଦକ ଅଜିତ ନାୟକଙ୍କ ସମେତ ସର୍ବଶ୍ରୀ ବିଜୟ ସାହୁ, ବିରେନ ନାଏକ, କବିତା ମହାନ୍ତି, ସୁଶୀଲ କୁମାର ବାରିକ, ପ୍ରତାପ ମହାନ୍ତି, ରଶ୍ମିରଞ୍ଜନ ମଲ୍ଲିକ, ଶ୍ୟାମସୁନ୍ଦର ମାଝୀ, ଧର୍ମୁ ମିଞ୍ଜ ପ୍ରମୁଖ ସମବେତ ମହମବତୀ ପ୍ରଜ୍ୱଳିତ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଏକ ମିନିଟ ନୀରବତା ଅବଲମ୍ବନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ବିଜେପି ସରକାରର ଅପରାଧିକ ସୁଲଭ ଶାସନ ବ୍ୟବସ୍ଥାକୁ ତୀବ୍ର ନିନ୍ଦା କରାଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରେ ବାରମ୍ବାର ରେଳ ଦୁର୍ଘଟଣା ମାନ ହୋଇ ବହୁ ଧନଜୀବନ ହାନି ହେଉଥିଲାବେଳେ, ତା'ର କୌଣସି ନିରାକରଣ ନକରି କେବଳ ସମୁଦ୍ରକୁ ଶଙ୍ଖେ କ୍ଷତିପୂରଣ ଓ ତଦନ୍ତ ଆଦେଶ ଦେଇ ଅସଲ ସମସ୍ୟାକୁ ସରକାର ଏଡାଇ ଚାଲିଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

★ ★ ★



# ଫ୍ରେଡେରିକ ଏଙ୍ଗେଲ୍‌ସ (ଭ୍ଲାଦିମିର ଇଲିଚ ଲେନିନ୍)

*(ସର୍ବହରାର ମହାନ ଶିକ୍ଷକ ଫ୍ରେଡେରିକ ଏଙ୍ଗେଲ୍‌ସଙ୍କ ମୃତ୍ୟୁପରେ ଋଷିଆରେ ନଭେମ୍ବର ବିପ୍ଳବର କର୍ଣ୍ଣଧାର ଓ ସମାଜବାଦୀ ସୋଭିଏତ୍ ୟୁନିୟନ୍‌ର ରୂପକାର କମ୍ରେଡ ଲେନିନ୍ ୧୮୯୫ ମସିହା ଶରତ ଋତୁରେ ଏକ କ୍ଷୁଦ୍ର ପ୍ରବନ୍ଧ ଜରିଆରେ ସର୍ବହରାର ଏଇ ମହାନ ଶିକ୍ଷକଙ୍କ ପ୍ରତି ତାଙ୍କର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାଞ୍ଜଳ ଓ ସୁଖପାଠ୍ୟ ଏହି ପ୍ରବନ୍ଧ ମାଧ୍ୟମରେ କମ୍ରେଡ ଲେନିନ୍, ଏଙ୍ଗେଲସ୍‌ଙ୍କର ଜୀବନ ସଂଗ୍ରାମ ଓ ବିଶ୍ୱ ସର୍ବହରା ବିପ୍ଳବ ପ୍ରତି ତାଙ୍କର ଜୀବନ ବ୍ୟାପୀ ଅବଦାନ ସଂପର୍କରେ ଋଷିଆର ସଂଗ୍ରାମୀ ସର୍ବହରା ଶ୍ରେଣୀକୁ ଅବଗତ କରାଇଥିଲେ। ମହାନ ଫ୍ରେଡେରିକ ଏଙ୍ଗେଲ୍‌ସଙ୍କର ମୃତ୍ୟୁ ଦିବସ ଉପଲକ୍ଷେ ସର୍ବହରା କ୍ରାନ୍ତିରେ ପାଠକମାନଙ୍କ ଉଦ୍ଦେଶ୍ୟରେ ସେହି ପ୍ରବନ୍ଧଟିର ଗୋଟିଏ ଭାଗ ଓଡିଆ ଅନୁବାଦ ପ୍ରକାଶ କରୁଛୁ। ଏହାର ଦ୍ୱିତୀୟ ଭାଗ ସେପ୍ଟେମ୍ବର ୧ ସଂଖ୍ୟା ସର୍ବହରା କ୍ରାନ୍ତିର ପ୍ରକାଶିତ ହେବ। ସଂପାଦକ-ସର୍ବହରା କ୍ରାନ୍ତି)*

## ପ୍ରଜ୍ଞାର କି ଅଗ୍ନିଶିଖା ହେଲା ନିର୍ବାପିତ, ମହାନ ହୃଦୟ ହେଲା ସ୍ପନ୍ଦନ ରହିତ !

୧୮୯୫ ମସିହା ଅଗଷ୍ଟ ୫ ତାରିଖରେ ଫ୍ରେଡେରିକ ଏଙ୍ଗେଲ୍‌ସ ଲଣ୍ଡନରେ ପ୍ରାଣତ୍ୟାଗ କଲେ। ୧୮୮୩ ମସିହାରେ ତାଙ୍କ ବନ୍ଧୁ କାର୍ଲ ମାର୍କ୍ସଙ୍କ ମୃତ୍ୟୁପରେ ଏଙ୍ଗେଲ୍‌ସ ହିଁ ଥିଲେ ସମଗ୍ର ପୃଥିବୀରେ ଆଧୁନିକ ସର୍ବହରା ଶ୍ରେଣୀର ଶ୍ରେଷ୍ଠ ବିଦ୍ୱାନ ଓ ଶିକ୍ଷକ। ପରିସ୍ଥିତି କାର୍ଲ ମାର୍କ୍ସ ଓ ଫ୍ରେଡେରିକ ଏଙ୍ଗେଲ୍‌ସଙ୍କୁ ଏକତ୍ରିତ କରାଇବା ଦିନଠାରୁ ସେମାନେ ଗୋଟିଏ ଆଦର୍ଶ ପାଇଁ ସେମାନଙ୍କର ସମଗ୍ର ଜୀବନ ଓ କର୍ମକୁ ଉତ୍ସର୍ଗ କରିଦେଇଥିଲେ। ତେଣୁ, ସର୍ବହରା ଶ୍ରେଣୀ ପାଇଁ ଫ୍ରେଡେରିକ ଏଙ୍ଗେଲ୍‌ସଙ୍କ ଅବଦାନ ହୃଦୟଙ୍ଗମ କରିବାକୁ ହେଲେ ତତ୍‌କାଳୀନ ଶ୍ରମିକ ଶ୍ରେଣୀ ଆନ୍ଦୋଳନର ବିକାଶ ପାଇଁ କାର୍ଲ ମାର୍କ୍ସଙ୍କ ଶିକ୍ଷା କାର୍ଯ୍ୟର ତାତ୍ପର୍ଯ୍ୟ ସଂପର୍କରେ ଏକ ସ୍ପଷ୍ଟ ଧାରଣା ରହିବା ଆବଶ୍ୟକ। ଶ୍ରମିକ ଶ୍ରେଣୀ ଓ ତାର ଦାବି ଯେ ପ୍ରଚଳିତ ଅର୍ଥନୈତିକ ବ୍ୟବସ୍ଥାର ଏକ ଅପରିହାର୍ଯ୍ୟ ପରିଣତି, ତା' ମାର୍କ୍ସ ଓ ଏଙ୍ଗେଲ୍‌ସ ହିଁ ପ୍ରଥମ କରି ଦର୍ଶାଇଥିଲେ। ଏହି ଅର୍ଥନୈତିକ ବ୍ୟବସ୍ଥା ଓ ବୁର୍ଜୁଆ ଶ୍ରେଣୀ, ଉଭୟ ଇତିହାସର ଅମୋଘ ନିୟମ ଅନୁସାରେ ସର୍ବହରା ଶ୍ରେଣୀକୁ ଜନ୍ମ ଦେଇଛନ୍ତି ଏବଂ ତାକୁ ସଂଗଠିତ କରାଇଛନ୍ତି। ଉଦାରମନା ବ୍ୟକ୍ତି ବିଶେଷ ମାନଙ୍କର ସାଧୁ ଉଦ୍ୟମ ଦ୍ୱାରା ନୁହେଁ, ସଂଗଠିତ ସର୍ବହରାର ଶ୍ରେଣୀ ସଂଗ୍ରାମ ହିଁ ମାନବ ସମାଜକୁ ନିର୍ଯ୍ୟାତିତ କରୁଥିବା ଦୁଷ୍ଟଶକ୍ତି କବଳରୁ ମୁକ୍ତି ଦେଇ ପାରିବ। ସମାଜବାଦ ଯେ ସ୍ୱପ୍ନବିଳାସୀ ମାନଙ୍କର ଉଦ୍‌ଭାବନ ନୁହେଁ, ଆଧୁନିକ ସମାଜରେ ଉତ୍ପାଦନର ହତିଆର ଗୁଡିକର ଯେଉଁ ବିକାଶ ଘଟିଚାଲିଛି ତାର ଅନ୍ତିମ ଲକ୍ଷ୍ୟ ଓ ଅପରିହାର୍ଯ୍ୟ ପରିଣତି, ସେ କଥା ମାର୍କ୍ସ ଓ ଏଙ୍ଗେଲ୍‌ସ ହିଁ ସେମାନଙ୍କର ବୈଜ୍ଞାନିକ ରଚନାବଳୀ ମାଧ୍ୟମରେ ପ୍ରଥମ ଥର ପାଇଁ ବୁଝାଇ ଦେଲେ। ଏଯାବତ୍ ଲିପିବଦ୍ଧ ଇତିହାସ ହେଉଛି ଶ୍ରେଣୀ ସଂଗ୍ରାମର ଇତିହାସ, କେତେଗୁଡିଏ ସାମାଜିକ ଶ୍ରେଣୀ ଉପରେ ଆଉ କେତେକ ସାମାଜିକ ଶ୍ରେଣୀର ଶାସନ ଓ ବିଜୟର ଇତିହାସ। ଶ୍ରେଣୀ ସଂଗ୍ରାମ ଓ ଶ୍ରେଣୀ ଗତ ଆଧିପତ୍ୟର ମୂଳଭିତ୍ତି- ବ୍ୟକ୍ତି ସଂପତ୍ତି ଓ ସାମାଜିକ ଉତ୍ପାଦନ କ୍ଷେତ୍ରରେ ଅରାଜକତା- ନିଶ୍ଚିହ୍ନ ନ ହେବା ପର୍ଯ୍ୟନ୍ତ ଇତିହାସର ଏହି ଧାରା ଅବ୍ୟାହତ ରହିବ। ସର୍ବହରା ଶ୍ରେଣୀର ସ୍ୱାର୍ଥ ଏହି ମୂଳ ଭିତ୍ତିର ଧ୍ୱଂସ ଦାବି କରେ ଏବଂ ସେଥିପାଇଁ ସଂଗଠିତ ଶ୍ରମିକ ଶ୍ରେଣୀର ସଚେତନ ଶ୍ରେଣୀ ସଂଗ୍ରାମକୁ ଏହି ମୂଳ ଭିତ୍ତି ବିରୁଦ୍ଧରେ ପରିଚାଳିତ କରିବାକୁ ହେବ। ଆହୁରି ମନେ ରଖିବାକୁ ହେବ ଯେ, ପ୍ରତିଟି ଶ୍ରେଣୀ ସଂଗ୍ରାମ ହେଉଛି ଗୋଟିଏ ଗୋଟିଏ ରାଜନୈତିକ ସଂଗ୍ରାମ।

ନିଜର ମୁକ୍ତିପାଇଁ ସଂଗ୍ରାମ କରୁଥିବା ସମସ୍ତ ସର୍ବହରା ମାର୍କ୍ସ ଓ ଏଙ୍ଗେଲ୍‌ସଙ୍କର ଏହି ଦୃଷ୍ଟିଭଙ୍ଗୀକୁ ଗ୍ରହଣ କରିନେଇଛନ୍ତି। କିନ୍ତୁ ୧୮୪୦ ଦଶକରେ, ଯେତେବେଳେ ଏହି ଦୁଇ ବନ୍ଧୁ ତତ୍‌କାଳୀନ ସମାଜବାଦୀ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କଲେ ଓ ସମାଜବାଦୀ ସାମାଜିକ ଆନ୍ଦୋଳନରେ ଅଂଶଗ୍ରହଣ କଲେ, ସେତେବେଳେ ଏହି ଦୃଷ୍ଟିଭଙ୍ଗୀ ଥିଲା ସଂପୂର୍ଣ୍ଣ ନୂତନ। ସେତେବେଳେ ପ୍ରତିଭାବାନ, ପ୍ରତିଭାହୀନ, ସାଧୁ, ଅସାଧୁ ଏପରି ଅନେକ ବ୍ୟକ୍ତି ଥିଲେ ଯେଉଁମାନେ ରାଜନୈତିକ ସ୍ୱାଧୀନତା ହାସଲ ପାଇଁ ରାଜା, ପୁଲିସ ଓ ଧର୍ମଯାଜକମାନଙ୍କର ସୈରାଚାର ବିରୁଦ୍ଧରେ ସଂଗ୍ରାମରେ ନିମଜ୍ଜିତ ରହିଥିଲେ। କିନ୍ତୁ ଏମାନେ କେହି ହେଲେ ବୁର୍ଜୁଆ ଓ ସର୍ବହରା ଶ୍ରେଣୀର ସ୍ୱାର୍ଥ ମଧ୍ୟରେ ଥିବା ଅନ୍ତର୍ନିହିତ ବିରୋଧକୁ ଲକ୍ଷ୍ୟ କରିପାରି ନଥିଲେ। ଅପରପକ୍ଷରେ ଅନେକ ସ୍ୱପ୍ନ ବିଳାସୀ ବ୍ୟକ୍ତି ଥିଲେ ; ଆଉ ସେମାନଙ୍କ ମଧ୍ୟରେ ଖୁବ ପ୍ରତିଭାବାନ ବ୍ୟକ୍ତିମାନେ ମଧ୍ୟ ଥିଲେ। ସମସାମୟିକ ସାମାଜିକ ବ୍ୟବସ୍ଥା ଯେ ଅନ୍ୟାୟର ଭିତ୍ତି ଉପରେ ପ୍ରତିଷ୍ଠିତ ଏକଥା ଶାସକମାନଙ୍କୁ ଓ ଶାସକ ଶ୍ରେଣୀକୁ ବୁଝେଇ ଦେଲେ ହିଁ ପୃଥିବୀରେ ସୁଖ ଶାନ୍ତି ପ୍ରତିଷ୍ଠା କରିବା ଖୁବ୍ ସହଜ ହୋଇଯିବ ବୋଲି ଏମାନେ ଭାବୁଥିଲେ। ବିନା ସଂଗ୍ରାମରେ ଯେ ସମାଜବାଦ ପ୍ରତିଷ୍ଠା ହୋଇଯିବ, ସେମାନେ ଏହି ସ୍ୱପ୍ନ ଦେଖୁଥିଲେ। ଅବଶ୍ୟ ତତ୍‌କାଳୀନ ସମସ୍ତ ସମାଜବାଦୀ ଓ ଶ୍ରମିକ ଶ୍ରେଣୀର ବନ୍ଧୁମାନେ ସର୍ବହରା ଶ୍ରେଣୀକୁ ଏକ ଦୁଷ୍ଟବ୍ରଣ ଭାବେ ପରିଗଣିତ କରୁଥିଲେ ଏବଂ ଶିଳ୍ପର ଅଭିବୃଦ୍ଧି ସହ ସର୍ବହରା ଶ୍ରେଣୀର ବୃଦ୍ଧି ଦେଖି ଆତଙ୍କିତ ହେଉଥିଲେ। ତେଣୁ ଶିଳ୍ପର ବିକାଶ ଓ ତା' ସହ ସର୍ବହରା ଶ୍ରେଣୀର ବିକାଶକୁ ପ୍ରତିହତ କରି ଇତିହାସର ରଥଚକକୁ କିପରି ସ୍ତବ୍ଧ କରାଯାଇ ପାରିବ, ଏମାନେ ସମସ୍ତେ ତା'ର ଉପାୟ ଖୋଜୁଥିଲେ। ସର୍ବହରା ଶ୍ରେଣୀର ଏହି ବିକାଶ ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭୟ ଉଦ୍ରେକ କରାଇଥିଲା ମାର୍କ୍ସ ଓ ଏଙ୍ଗେଲ୍‌ସ କିନ୍ତୁ ତା' ଗ୍ରହଣ କରିନଥିଲେ; ଅପରନ୍ତୁ ସର୍ବହରା ଶ୍ରେଣୀର କ୍ରମାଗତ ବିକାଶ ଉପରେ ହିଁ ସେମାନେ ସେମାନଙ୍କର ସମସ୍ତ ଆଶା ସ୍ଥାପନ କଲେ। ସେମାନେ ଦର୍ଶେଇଲେ ଯେ ସର୍ବହରା ମାନଙ୍କର ଯେତେ ସଂଖ୍ୟା ବୃଦ୍ଧି ହେବ, ଗୋଟିଏ ବିପ୍ଳବୀ ଶ୍ରେଣୀ ହିସାବରେ ସେମାନଙ୍କର ଶକ୍ତି ସେତେ ଅଧିକ ହେବ; ସମାଜବାଦ ସେତିକି ନିକଟତର ହୋଇ ଆସିବ, ତା'ର ସମ୍ଭାବନା ହୋଇ ଉଠିବ ସେତେବେଶୀ ଉଜ୍ଜଳତର। ଶ୍ରମିକ ଶ୍ରେଣୀ ପ୍ରତି ମାର୍କ୍ସ ଓ ଏଙ୍ଗେଲ୍‌ସଙ୍କ ଅବଦାନକୁ ଅଳ୍ପ କେତୋଟି ଶବ୍ଦରେ ପ୍ରକାଶ କରାଯାଇ ପାରିବ। ନିଜେ କିପରି ନିଜକୁ ଜାଣିବ ଓ ନିଜ ସମ୍ବନ୍ଧରେ କିପରି ସଚେତନ ହେବ, ଏହା ସେମାନେ ଶ୍ରମିକ ଶ୍ରେଣୀକୁ ଶିକ୍ଷା ଦେଲେ, ଆଉ ଶ୍ରମିକ ଶ୍ରେଣୀ ଆନ୍ଦୋଳନରେ କଳ୍ପନା ବିଳାସ ସ୍ଥାନରେ ସେମାନେ ପ୍ରତିଷ୍ଠା କଲେ ବିଜ୍ଞାନକୁ।

ସେଥିପାଇଁ ଏଙ୍ଗେଲ୍‌ସଙ୍କ ନାମ ଓ ଜୀବନୀ ସହିତ ପ୍ରତ୍ୟେକ ଶ୍ରମିକର ପରିଚିତି ରହିବା ଆବଶ୍ୟକ। ସେଥିପାଇଁ ଯେହେତୁ ଆମର ସବୁ ପ୍ରକାଶନ ପରି ଏଇ ପ୍ରବନ୍ଧ ସଂକଳନ ମଧ୍ୟ ଋଷିଆର ଶ୍ରମିକ ଶ୍ରେଣୀ ଭିତରେ ଶ୍ରେଣୀ ସଚେତନତା ଜାଗ୍ରତ କରିବାକୁ ଉଦ୍ଦିଷ୍ଟ। ଆମକୁ ଏଥିରେ ଆଧୁନିକ ସର୍ବହରା ଶ୍ରେଣୀର ଦୁଇ ମହାନ ଶିକ୍ଷକଙ୍କ ମଧ୍ୟରୁ ଜଣେ, ଫ୍ରେଡେରିକ ଏଙ୍ଗେଲ୍‌ସଙ୍କର ଜୀବନ ସଂଗ୍ରାମ ଓ କର୍ମର ଏକ ସଂକ୍ଷିପ୍ତ ବିବରଣୀ ଦେବାକୁ ପଡିବ।

୧୮୨୦ ଖ୍ରୀଷ୍ଟାବ୍ଦରେ ପ୍ରୁସିଆ ରାଜ୍ୟର ରାଇନ ପ୍ରଦେଶ ଅନ୍ତର୍ଗତ ବାରମେନ ସହରରେ ଏଙ୍ଗେଲ୍‌ସ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ଥିଲେ ଜଣେ ଶିଳ୍ପପତି। ୧୮୩୮ ଖ୍ରୀଷ୍ଟାବ୍ଦରେ ହାଇସ୍କୁଲ ଶିକ୍ଷା ଶେଷ କରିବା ଆଗରୁ ପାରିବାରିକ ପରିସ୍ଥିତି ଏଙ୍ଗେଲ୍‌ସଙ୍କୁ ବାରମେନର ଗୋଟିଏ ବ୍ୟବସାୟିକ ପ୍ରତିଷ୍ଠାନର ଜଣେ କିରାଣୀ ଭାବେ ଯୋଗ ଦେବାକୁ ବାଧ୍ୟ କରିଥିଲା। ବ୍ୟବସାୟିକ କାରବାର କିନ୍ତୁ ଏଙ୍ଗେଲ୍‌ସଙ୍କର ବିଜ୍ଞାନ ଓ ରାଜନୀତି ଶିକ୍ଷା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିପାରିଲା ନାହିଁ। ସ୍କୁଲରେ ପଢିବା ଦିନଠାରୁ ସେ ରାଜନୈତିକ ସୈରାଚାର ଓ ଅମଲା ତାନ୍ତ୍ରିକ ଅତ୍ୟାଚାରକୁ ଘୃଣା କରୁଥିଲେ। ଦର୍ଶନ ଶାସ୍ତ୍ରର ଅଧ୍ୟୟନ ତାଙ୍କୁ ଏ ଦିଗରେ ଆହୁରି ଅଗ୍ରସର କରାଇଦେଲା। ସେତେବେଳେ ହେଗେଲ୍‌ଙ୍କ ଶିକ୍ଷା ଜର୍ମାନ ଦର୍ଶନ ଶାସ୍ତ୍ରରେ ନିଜର ପ୍ରଭାବ ବିସ୍ତାର କରିଥିଲା ଏବଂ ଏଙ୍ଗେଲ୍‌ସ, ହେଗେଲଙ୍କର ଅନୁଗାମୀ ହେଲେ। ଯଦିଓ ହେଗେଲ ନିଜେ ସୈରାଚାରୀ ପ୍ରୁସୀୟ ରାଷ୍ଟ୍ରର ଜଣେ ପ୍ରଶଂସକ ଥିଲେ ଏବଂ ଏହି ରାଷ୍ଟ୍ର ଅଧୀନରେ ଥିବା ବର୍ଲିନ୍ ବିଶ୍ୱବିଦ୍ୟାଳୟରେ ଜଣେ ପ୍ରଫେସର ରୂପେ ଚାକିରୀ କରୁଥିଲେ ତାଙ୍କର ଶିକ୍ଷା କିନ୍ତୁ ଥିଲା ବୈପ୍ଳବିକ। ମଣିଷର ପ୍ରଜ୍ଞା ଓ ତାର ଅଧିକାର ଉପରେ ହେଗେଲଙ୍କର ବିଶ୍ୱାସ ଥିଲା। ଏହି ବିଶ୍ୱବ୍ରହ୍ମାଣ୍ଡରେ ପରିବର୍ତ୍ତନ ଓ ବିକାଶର ଏକ ନିରନ୍ତର ପ୍ରକ୍ରିୟା ଚାଲିଛି ବୋଲି ହେଗେଲୀୟ ଦର୍ଶନର ମୂଳତତ୍ତ୍ୱକୁ ଆଧାର କରି, ତତ୍‌କାଳୀନ ପରିସ୍ଥିତିକୁ ଗ୍ରହଣ କରିବାକୁ ରାଜି ନଥିବା ହେଗେଲଙ୍କର କିଛି ଛାତ୍ର ଭାବିଲେ ଯେ ଏହି ପରିସ୍ଥିତି ବିରୁଦ୍ଧରେ, ପ୍ରଚଳିତ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଚାଲିଥିବା ସଂଗ୍ରାମର ଚେର ମଧ୍ୟ ନିରନ୍ତର ବିକାଶର ସେହି ସାର୍ବଜନୀନ ନିୟମ ଭିତରେ ନିହିତ ରହିଛି। ଯଦି ପ୍ରତ୍ୟେକ ଜିନିଷ ବିକଶିତ ହେବା ଏକ ବାସ୍ତବତା, ଯଦି ଗୋଟିଏ ପ୍ରକାର ଅନୁଷ୍ଠାନ ମଧ୍ୟରେ ଅନ୍ୟ ଏକ ପ୍ରକାର ଅନୁଷ୍ଠାନ ଆବିର୍ଭୂତ ହୋଇପାରେ, ତା'ହେଲେ ସେ ପ୍ରୁସିଆର ରାଜା ହୁଅନ୍ତୁ, ଋଷିଆର ଅତ୍ୟାଚାରୀ ଜାର ହୁଅନ୍ତୁ ଅଥବା ବିଶାଳ ସଂଖ୍ୟକ ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ମୂଲ୍ୟରେ ନଗଣ୍ୟ କେତେଜଣଙ୍କର ଧନଶାଳୀ ହେବାର ସାମାଜିକ ପ୍ରକ୍ରିୟା ହେଉ କିମ୍ବା ଜନସାଧାରଣଙ୍କ ଉପରେ ବୁର୍ଜୁଆମାନଙ୍କର ଆଧିପତ୍ୟ ହେଉ- କାହିଁକି ଚିର ଦିନ ଚାଲିବ ? ହେଗେଲୀୟ ଦର୍ଶନ ମନ ଓ ଭାବର ବିକାଶ ସଂପର୍କରେ ସୂଚନା ଦେଇଥିଲା, ମାତ୍ର ଏହାଥିଲା ଭାବବାଦୀ। ମଣିଷ ମନର ବିକାଶ ଘଟେ, ସେଇ ବିକାଶ ଧାରାରେ ପ୍ରକୃତି ଓ ମଣିଷର ବିକାଶ ଘଟେ ଏବଂ ମାନବିକ ଓ ସାମାଜିକ ସଂପର୍କରେ ବିକାଶ ମଧ୍ୟ ଘଟେ ବୋଲି ହେଗେଲୀୟ ଦର୍ଶନ ପ୍ରତିପାଦନ କରିବାକୁ ଚେଷ୍ଟା କରିଛି। ନିରନ୍ତର ପରିବର୍ତ୍ତନ ପ୍ରକ୍ରିୟା ସଂପର୍କିତ ହେଗେଲୀୟ ଧାରଣାକୁ ଗ୍ରହଣ କରିନେଇ ମାର୍କ୍ସ ଓ ଏଙ୍ଗେଲ୍‌ସ ପୂର୍ବ ପରିକଳ୍ପିତ ଏହି ଦର୍ଶନରେ ରହିଥିବା ଭାବବାଦୀ ଦୃଷ୍ଟିଭଙ୍ଗୀକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ବାସ୍ତବ ଜୀବନ ଦିଗକୁ ଆଙ୍ଗୁଳି ନିର୍ଦ୍ଦେଶକରି ସେମାନେ ଦେଖାଇ ଦେଲେ ଯେ ମନର ବିକାଶ ବାସ୍ତବରେ ପ୍ରକୃତିର ବିକାଶ ଧାରାକୁ ବ୍ୟାଖ୍ୟା(Explain) କରୁ ନାହିଁ, ପରନ୍ତୁ ଠିକ୍ ବିପରୀତଭାବେ ମନର ପ୍ରକୃତିର ବ୍ୟାଖ୍ୟା ପ୍ରକୃତିର ବ୍ୟାଖ୍ୟା ମଧ୍ୟରୁହିଁ ଆହରିତ ହେଉଛି, ବସ୍ତୁରୁ ଆହରିତ ହେଉଛି, ....। ହେଗେଲ ଓ ଅନ୍ୟାନ୍ୟ ହେଗେଲୀୟ ମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ; ମାର୍କ୍ସ ଓ ଏଙ୍ଗେଲ୍‌ସ ଥିଲେ ବସ୍ତୁବାଦୀ। ବିଶ୍ୱବ୍ରହ୍ମାଣ୍ଡ ଓ ମାନବ ସମାଜକୁ ବସ୍ତୁବାଦୀ ଦୃଷ୍ଟିଭଙ୍ଗୀରୁ ବିଚାର କରି ସେମାନେ ବୁଝିପାରିଥିଲେ ଯେ; ଠିକ୍ ଯେଭଳି ସମସ୍ତ ପ୍ରକାର ପ୍ରାକୃତିକ ଘଟଣାବଳୀ ପଛରେ କୌଣସି ନା କୌଣସି ପାର୍ଥିବ କାରଣ ନିହିତ ରହିଛି, ଠିକ୍ ସେହିଭଳି ସମାଜର ବିକାଶ ପ୍ରକ୍ରିୟା ମଧ୍ୟ ପାର୍ଥିବ ଶକ୍ତିମାନଙ୍କର ବିକାଶ ଦ୍ୱାରା, ଅର୍ଥାତ୍ ଉତ୍ପାଦିକାଶକ୍ତିମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି। ମଣିଷ ସମାଜର ଚାହିଦା ପୂରଣ ଦୃଷ୍ଟିରୁ ଆବଶ୍ୟକ ଜିନିଷପତ୍ରର ଉତ୍ପାଦନପାଇଁ ଜନସାଧାରଣ ନିଜ ନିଜ ମଧ୍ୟରେ ଯେଉଁ ସଂପର୍କରେ ଆବଦ୍ଧ ହୁଅନ୍ତି, ସେହି ସଂପର୍କ ଉତ୍ପାଦିକା ଶକ୍ତିର ବିକାଶ ଉପରେ ହିଁ ନିର୍ଭର କରେ ଏବଂ ଏହି ସଂପର୍କ ହିଁ ସାମାଜିକ ଜୀବନର ସମସ୍ତ ଘଟଣାବଳୀ ସମେତ ମଣିଷର ଆଶା ଆକାଂକ୍ଷା, ଭାବ ଓ ଆଇନ କାନୁନ୍ ଇତ୍ୟାଦିର ରୂପରେଖକୁ ଶେଷ ପର୍ଯ୍ୟନ୍ତ ନିର୍ଣ୍ଣୟ କରେ। ଉତ୍ପାଦିକା ଶକ୍ତିର ବିକାଶ ଗୋଟିଏ ସ୍ତରରେ ବ୍ୟକ୍ତି ସଂପତ୍ତି ଉପରେ ଭିତ୍ତିକରି ଗଢି ଉଠିଥିବା ସାମାଜିକ ସଂପର୍କର ଜନ୍ମ ଦିଏ। ମାତ୍ର ବର୍ତ୍ତମାନ ଆମେ ଦେଖୁଛୁ ଯେ, ସେହି ଏକା ଉତ୍ପାଦିକା ଶକ୍ତିର ବିକାଶ ଆଜି ସଂଖ୍ୟା ଗରିଷ୍ଠ ଜନସାଧାରଣଙ୍କୁ ସେମାନଙ୍କର ସଂପତ୍ତିରୁ ବଂଚିତ କରି ମୁଷ୍ଟିମେୟଙ୍କ ହାତରେ ସଂପତ୍ତି ଠୁଳ କରିଛି। ଏହି ଉତ୍ପାଦିକା ଶକ୍ତି ମଧ୍ୟ ଆଧୁନିକ ସାମାଜିକ ବ୍ୟବସ୍ଥାର ମୂଳଭିତ୍ତି, ଏହା ଅନ୍ୟ ଏକ ସ୍ତରରେ ପହଂଚି ବ୍ୟକ୍ତ ସଂପତ୍ତିକୁ ସଂପୂର୍ଣ୍ଣ ବିଲୁପ୍ତ କରିଦିଏ। ଉତ୍ପାଦିକା ଶକ୍ତି ସମୂହର ବିକାଶର ଧାରାରେ ସମାଜ ସେହି ଦିଗକୁ ପରିଚାଳିତ ହେବାକୁ ବାଧ୍ୟ ହୁଏ, ଯେଉଁ ଲକ୍ଷ୍ୟ ପୂରଣ ପାଇଁ ସମାଜବାଦୀମାନେ ଉଦ୍ୟମ ଜାରି ରଖିଥାନ୍ତି। ଆଧୁନିକ ସମାଜରେ ଏହାର ନିର୍ଦ୍ଦିଷ୍ଟ ଅବସ୍ଥିତି ଦୃଷ୍ଟିରୁ କେଉଁ ସାମାଜିକ ଶକ୍ତିଗୁଡିକ ସମାଜବାଦ ପ୍ରତିଷ୍ଠାର ଅନୁପୂରକ ସେ ବିଷୟ ସଠିକ୍‌ଭାବେ ହୃଦୟଙ୍ଗମ କରି ସେହି ଶକ୍ତିଗୁଡିକୁ ସେମାନଙ୍କର ସ୍ୱାର୍ଥ ଓ ସେମାନଙ୍କ ଉପରେ ନ୍ୟସ୍ତ ଐତିହାସିକ ଦାୟିତ୍ୱ ସଂପର୍କରେ ସଚେତନ କରାଇବା ସମସ୍ତ ସମାଜବାଦୀମାନଙ୍କର କର୍ତ୍ତବ୍ୟ। ଏହି ସାମାଜିକ ଶକ୍ତି ହେଉଛି ସର୍ବହରା ଶ୍ରେଣୀ। ତାଙ୍କ ବାପା ଅଂଶୀଦାରଥିବା ଏକ ବ୍ୟବସାୟିକ କମ୍ପାନୀରେ ଚାକିରିକରି ଇଂଲ୍ୟାଣ୍ଡରେ ଶିଳ୍ପର ପ୍ରାଣକେନ୍ଦ୍ର ମାଂଚେଷ୍ଟରଠାରେ ୧୮୪୨ ମସିହାରେ ଏଙ୍ଗେଲ୍‌ସ ଇଂଲ୍ୟାଣ୍ଡର ସର୍ବହରା ଶ୍ରେଣୀ ପ୍ରତ୍ୟକ୍ଷଭାବେ ପରିଚିତ ହୋଇଥିଲେ। ସେଠାରେ ଏଙ୍ଗେଲ୍‌ସ କେବଳ କାରଖାନାର କାର୍ଯ୍ୟାଳୟରେ ବସି ନ ରହି ଶ୍ରମିକ ବସ୍ତିମାନଙ୍କରେ ଗୁଞ୍ଜିଗାଞ୍ଜିହୋଇ ରହିଥିବା ଶ୍ରମିକମାନଙ୍କର ଦାରିଦ୍ର୍ୟ ଓ ଦୈନ୍ୟ ନିଜ ଆଖିରେ ଦେଖିଥିଲେ। ମାତ୍ର ସେ ନିଜର କାର୍ଯ୍ୟକଳାପକୁ କେବଳ ବ୍ୟକ୍ତିଗତ ପର୍ଯ୍ୟବେକ୍ଷଣ ମଧ୍ୟରେ ସୀମିତ ରଖି ନଥିଲେ। ବ୍ରିଟେନ୍‌ର ଶ୍ରମିକ ଶ୍ରେଣୀର ଅବସ୍ଥା ସଂପର୍କରେ ପୂର୍ବ ପ୍ରକାଶିତ ସମସ୍ତ ତଥ୍ୟ ସେ ପଢିଥିଲେ ଓ ସେ ସଂପର୍କରେ ଯାହାକିଛି ସରକାରୀ ନଥିପତ୍ର ସଂଗ୍ରହ କରିପାରିଥିଲେ ସେଗୁଡିକୁ ମଧ୍ୟ ଅତ୍ୟନ୍ତ ଯତ୍ନ ସହକାରେ ଓ ଗଭୀର ଭାବରେ ଅଧ୍ୟୟନ କରିଥିଲେ। ଏହି ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣର ଫଳ ସ୍ୱରୂପ 'ଇଂଲ୍ୟାଣ୍ଡର ଶ୍ରମିକ ଶ୍ରେଣୀର ଅବସ୍ଥା'(Condition of Working Class in England) ନାମକ ବହିଟି ୧୮୪୫ ମସିହାରେ ଆତ୍ମ ପ୍ରକାଶ କରିଥିଲା। ଏହି ବହିଟି ଲେଖି ଏଙ୍ଗେଲ୍‌ସ ଯେଉଁ ବିରାଟ ଅବଦାନ ରଖିଯାଇଛନ୍ତି ସେ ସଂପର୍କରେ ଆମେ ଅନ୍ୟତ୍ର ଆଲୋଚନା କରିଛୁ। ଏଙ୍ଗେଲ୍‌ସଙ୍କ ପୂର୍ବରୁ ମଧ୍ୟ

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)















# ଏଆଇକେକେଏମ୍‌ଏସ୍ ପକ୍ଷରୁ କର୍ପୋରେଟ ହଟାଓ ଦିବସ ପାଳିତ

ନବେ ଦଶକରେ ଆରମ୍ଭ ହୋଇଥିବା ପୁଞ୍ଜିବାଦୀ ଅର୍ଥନୀତିର ଜଗତିକରଣ,ଉଦାରିକାରଣ ଓ ଘରୋଇକରଣ ଏବେ ଦେଶରେ ତାର କାୟା ପ୍ରତ୍ୟକ କ୍ଷେତ୍ରରେ ବିସ୍ତାର କରିଚାଲିଛି। ଭାରତ ଭଳି ଏକ କୃଷିପ୍ରଧାନ ଦେଶର କୃଷି କ୍ଷେତ୍ରରେ କର୍ପୋରେଟ ପୁଞ୍ଜି ନିବେଶ ପାଇଁ ପୂର୍ବତନ କଂଗ୍ରେସ ସରକାର ଯେତିକି ସୁଯୋଗ ସୃଷ୍ଟିକରିଥିଲେ,ଏବେ କେନ୍ଦ୍ରରେ ପ୍ରତିଷ୍ଠିତ ବିଜେପି ସରକାର ଓ ବିଭିନ୍ନ ରାଜ୍ୟ ସରକାରମାନେ କର୍ପୋରେଟ ତଥା ଏକଚାଟିଆ ପୁଞ୍ଜିପତି ମାନଙ୍କୁ ସେମାନଙ୍କର ପୁଞ୍ଜି ନିବେଶ ପାଇଁ ଅଧିକରୁ ଅଧିକ ସୁଯୋଗ ସୃଷ୍ଟି କରୁଛନ୍ତି। ଏହା ଫଳରେ କୃଷିଜାତ ଦ୍ରବ୍ୟ ଉତ୍ପାଦନ ପାଇଁ ମଞ୍ଜି,ସାର,ବିହନ,କୀଟନାଶକ ତଥା କୃଷି ଯନ୍ତ୍ରପାତି ବିକ୍ରି କରିବା ସକାଶେ ସମ୍ପ୍ରତି କେନ୍ଦ୍ର ବିଜେପି ସରକାର ପତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ କରିବାର ରାସ୍ତା ଉନ୍ମୁକ୍ତ କରିଛନ୍ତି। ସରକାରୀ ମଞ୍ଜି ଫାର୍ମ ଓ ସଂରକ୍ଷଣ ଗୋଦାମ ଗୁଡିକୁ ବିଭିନ୍ନ କମ୍ପାନୀ ମାନଙ୍କୁ ବିକ୍ରି କରାଯାଇଛି। ଏହା ଫଳରେ ଚାଷୀ ଓ ଭାଗଚାଷୀ ମାନଙ୍କୁ ଚାଷରେ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଉତ୍ପାଦିତ ଦ୍ରବ୍ୟର ବିକ୍ରିଲବ୍ଧ ଟଙ୍କା କୃଷିରେ ବିନିଯୋଗ ଠାରୁ ଯଥେଷ୍ଟ କମ ହେଉଥିବାରୁ ଚାଷୀ ଆତ୍ମହତ୍ୟା ବଢି ବଢି ଚାଲିଛି। ଏହିଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶରୁ 'କର୍ପୋରେଟ ହଟାଓ' ଦିବସ ପାଳନ ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରା ଦେଇଛି। ଏହି ଡାକାରାକୁ ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ (ଏଆଇକେକେଏମ୍‌ଏସ୍ ) ଓଡ଼ିଶାରେ ୯ ଅଗଷ୍ଟ ୨୦୨୪ ଦିନ ଗ୍ରାମ୍ୟ ସ୍ତରରେ ପ୍ରତିବାଦ କରିଛି। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି। ଆଗାମୀ ଦିନରେ ଏହି ପ୍ରତିବାଦ ଆନ୍ଦୋଳନ ଆହୁରି ବ୍ୟାପକ କରିବା ପାଇଁ ଏଆଇକେକେଏମ୍‌ଏସ୍ ର ରାଜ୍ୟ ସଭାପତି ଓ ସମ୍ପାଦକ କମ୍ରେଡ଼ ସଦାଶିବ ଦାସ ଓ ରଘୁନାଥ ଦାସ ଚାଷୀ ମୂଲିଆ ମାନଙ୍କୁ ନିବେଦନ କରିଛନ୍ତି।








# ଆନ୍ଦୋଳନକାରୀ ଛାତ୍ର ଓ ଗଣତାନ୍ତ୍ରିକ ରାଜନୈତିକ ଶକ୍ତିମାନଙ୍କ ସହିତ ଆଲୋଚନା ଭିତ୍ତିରେ ହିଁ ଅନ୍ତର୍ବର୍ତ୍ତୀକାଳୀନ ସରକାର ଗଠନ କରିବାକୁ ହେବ

*- ବଙ୍ଗଳାଦେଶ ସମାଜତାନ୍ତ୍ରିକ ଦଳ(ମାର୍କ୍ସବାଦୀ)*

ବଙ୍ଗଳାଦେଶର ସମାଜତାନ୍ତ୍ରିକ ଦଳ (ମାର୍କ୍ସବାଦୀ)ର ସଂଯୋଜକ କମ୍ରେଡ ମାସୁଦ ରାଜା ଅଗଷ୍ଟ ୫ ତାରିଖରେ ଜାରି କରାଯାଇଥିବା ଏକ ବିବୃତ୍ତିରେ କହିଛନ୍ତି ଯେ "ଛାତ୍ର-ଜନତାର ଗଣ ଅଭ୍ୟୁତ୍‌ଥାନ ମଧ୍ୟ ଦେଇ ଶେଖ ହାସିନାଙ୍କର ସୈରାଚାରୀ ସରକାରର ପତନ ଘଟିଛି। ଏହି ଆନ୍ଦୋଳନରେ ଶହୀଦ ହୋଇଥିବା ଶହ ଶହ ବୀରମାନଙ୍କୁ ଆମେ ଆଜି ଏହି ବିଜୟ ଅବସରରେ ଗଭୀର ଶ୍ରଦ୍ଧାର ସହିତ ସ୍ମରଣ କରୁଛୁ। ଏହି ଦେଶର ଛାତ୍ର ସମାଜ ଓ ଜନସାଧାରଣଙ୍କର ହୃଦୟରେ ସେମାନେ ବର୍ଷ ବର୍ଷ ଧରି ବଂଚି ରହିବେ।"

ଛାତ୍ରମାନେ ଏହି ଆନ୍ଦୋଳନ ଆରମ୍ଭ କରିଥିଲେ, ଆନ୍ଦୋଳନର ଗୋଟିଏ ପର୍ଯ୍ୟାୟରେ ଏଥିରେ ସର୍ବସ୍ତରର ଜନସାଧାରଣ ଯୁକ୍ତ ହୋଇଥିଲେ। ଛାତ୍ର ଆନ୍ଦୋଳନ ଗଣ ଅଭ୍ୟୁତ୍‌ଥାନରେ ପରିଣତ ହୋଇଥିଲା। ଅତ୍ୟାଚାର ନିର୍ଯ୍ୟାତନା ଏବଂ ଗୋଟିଏ ପରେ ଗୋଟିଏ ପ୍ରାଣଦାନର ମଧ୍ୟ ଦେଇ ଶେଖ ହାସିନା ସରକାରର ପତନ ଘଟିଛି।

ବର୍ତ୍ତମାନ ରାଷ୍ଟ୍ରର ଭବିଷ୍ୟତ ରୂପରେଖ ସଂପର୍କରେ ଆଲୋଚନା ଚାଲିଛି। ଗୋଟିଏ ଅନ୍ତର୍ବର୍ତ୍ତୀକାଳୀନ ସରକାର ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରାଯାଇଛି। ଆମେ ସ୍ପଷ୍ଟଭାବରେ ମନେକରୁଯେ, ଆନ୍ଦୋଳନକାରୀ ଛାତ୍ର ଗଣତାନ୍ତ୍ରିକ ରାଜନୈତିକ ଶକ୍ତି ସମୂହର ସହିତ ଆଲୋଚନାକୁ ବାଦଦେଇ କୌଣସି ସରକାର ଗଠନ କରାଯାଇ ପାରିବ ନାହିଁ। ଅତୀତରେ ବିଭିନ୍ନ ଦେଶୀ-ବିଦେଶୀ ଶକ୍ତିମାନଙ୍କ ସହିତ ସମଝୋତା କରି ସରକାର ଗଠନର ନଜିର ଆମେ ଦେଖିଛୁ। ଏହା ଗ୍ରହଣଯୋଗ୍ୟ ନୁହେଁ। ଏହା କରାଗଲେ ଜୀବନ ଦାନ ଦେଇଥିବା ଶହୀଦମାନଙ୍କ ପ୍ରତି ଅସମ୍ମାନ ହେବ। ଆନ୍ଦୋଳନ ବ୍ୟର୍ଥ ହେବ।

ଏହି ଅନ୍ତର୍ବର୍ତ୍ତୀକାଳୀନ ସରକାର ବିଶେଷ ଟ୍ରାଇବୁନାଲ ଗଠନ କରି ଜୁଲାଇ ମାସରେ ସଂଗଠିତ ହତ୍ୟାକାଣ୍ଡର ବିଚାର କରିବ, ଆହତମାନଙ୍କୁ ସରକାରୀ ଖର୍ଚ୍ଚରେ ଚିକିତ୍ସା କରିବ, ନିଖୋଜ କରି ଦିଆଯାଇଥିବା ସମସ୍ତ ମୃତଦେହ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିବ, ଶେଖ ହାସିନାଙ୍କୁ ଦେଶକୁ ଫେରାଇଆଣି ତାଙ୍କୁ ବିଚାରର ସମ୍ମୁଖୀନ କରାଇବ ଏବଂ ରାଷ୍ଟ୍ର ପ୍ରୟୋଜନ ପ୍ରଶାସନିକ ସଂସ୍କାରପାଇଁ ଉଦ୍ୟୋଗ ଗ୍ରହଣ କରିବ।

ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଘଟୁଥିବା ଜଳାପୋଡା ଓ ଲୁଟପାଟ୍ ଆନ୍ଦୋଳନକାରୀମାନେ କରୁନାହାନ୍ତି, ସୁଯୋଗ ସନ୍ଧାନକାରୀମାନେ ଏସବୁ କରୁଛନ୍ତି। ଆନ୍ଦୋଳନକାରୀମାନେ ଶହୀଦ ଆବୁ ସାଇଦ୍‌ଙ୍କ ଭଳି ଅସଂଖ୍ୟ ଶହୀଦମାନଙ୍କ ନୈତିକ ବଳରେ ବଳିୟାନ ହୋଇ ବୀରଭଳି ମୃତ୍ୟୁବରଣ କରିବାପାଇଁ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେମାନେ ଏହି ଧରଣର ଯେକୌଣସି କର୍ମକାଣ୍ଡକୁ ପ୍ରତିହତ କରିବେ। ସଂଖ୍ୟାଲଘୁ ଓ ସାଧାରଣ ଲୋକମାନଙ୍କର ଘରଦ୍ୱାର-ବ୍ୟବସାୟ ପ୍ରତିଷ୍ଠାନର ସୁରକ୍ଷାର ଦାୟିତ୍ୱ ସେମାନଙ୍କର। ଛାତ୍ର ଆନ୍ଦୋଳନର ନେତୃବୃନ୍ଦ ମଧ୍ୟ ସେମାନଙ୍କୁ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମୟରେ ସଦାସର୍ବଦା ସତର୍କ ରହି ଜନସାଧାରଣଙ୍କୁ ନିରାପତ୍ତା ଦେବାପାଇଁ ଆମେ ସେମାନଙ୍କୁ ଆହ୍ୱାନ ଜଣାଉଛୁ।

# ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଦାବିପତ୍ର

ରାଜ୍ୟର ସର୍ବବୃହତ ଓ ସର୍ବପୁରାତନ ଚିକିତ୍ସାଳୟ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସପିଟାଲ ରେ ଜନୈକ କାର୍ଯ୍ୟରତ ଡାକ୍ତର ଦୁଇଜଣ ମହିଳା ରୋଗୀଙ୍କୁ ଚିକିତ୍ସା




କରିବା ସମୟରେ ଦୁଷ୍କର୍ମ କରିବା ଘଟଣାରେ ସଂଗଠନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ଏହି ବିଭତ୍ସ ଘଟଣାରେ ସଂପୃକ୍ତ ଡାକ୍ତରଙ୍କ ବିଚାର ଫାଷ୍ଟ ଟ୍ରାକ କୋର୍ଟ ରେ କରି ତାଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା, ସମଗ୍ର ରାଜ୍ୟରେ ମହିଳା ଓ ଛାତ୍ର ଛାତ୍ରୀ ମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଓ ପୀଡ଼ିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଦାବିରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ, କଟକ ଜିଲ୍ଲା କମିଟି ଉଦ୍ୟୋଗରେ ଅଗଷ୍ଟ ୧୪ ତାରିଖରେ କଟକ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି କମ୍ରେଡ ମାଳବିକା ସାମଲ, ସମ୍ପାଦିକା ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ସୁଜାତା ମହାପାତ୍ର, ସୁଭସ୍ମିତା ଦଳାଇ, ମାନସୀ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପ୍ରଜ୍ଞାର କି ଅଗ୍ନିଶିଖା . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଅନେକ ଲେଖକ ଶ୍ରମିକ ଶ୍ରେଣୀର ଦୁଃଖ ଦୁର୍ଦ୍ଦଶାର କାହାଣୀ ବର୍ଣ୍ଣନା କରିଥିଲେ ଓ ଶ୍ରମିକମାନଙ୍କୁ ସାହାଯ୍ୟ କରିବାର ଆବଶ୍ୟକତା ସଂପର୍କରେ ଉଲ୍ଲେଖ କରିଥିଲେ। ମାତ୍ର ଏଙ୍ଗେଲ୍‌ସ ହିଁ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ କହିଥିଲେ ଯେ, ଶ୍ରମିକଶ୍ରେଣୀ କେବଳ ମାତ୍ର ଗୋଟିଏ ନିର୍ଯ୍ୟାତିତ ଶ୍ରେଣୀ ନୁହେଁ ବରଂ ଶ୍ରମିକଶ୍ରେଣୀ ଭୋଗକରୁଥିବା ଏହି ଲଜ୍ୟାକର ଅବସ୍ଥା ହିଁ ଦୁର୍ଦ୍ଦମନୀୟ ଭାବେ ସେମାନଙ୍କୁ ଆଗକୁ ପରିଚାଳିତ କରିବ ଓ ନିଜର ଚରମ ମୁକ୍ତି ପାଇଁ ଲଢେଇ କରିବାକୁ ବାଧ୍ୟ କରିବ ଏବଂ ସଂଗ୍ରାମରତ ଶ୍ରମିକ ଶ୍ରେଣୀହିଁ ନିଜେ ନିଜକୁ ସାହାଯ୍ୟ କରିବ। ଶ୍ରମିକ ଶ୍ରେଣୀର ରାଜନୈତିକ ଆନ୍ଦୋଳନ କେବଳ ମାତ୍ର ଶ୍ରମିକଶ୍ରେଣୀ ନେତୃତ୍ୱରେ ପରିଚାଳିତ ରାଜନୈତିକ ଆନ୍ଦୋଳନର ଇପ୍ସିତ ଲକ୍ଷ୍ୟରେ ପରିଣତ ହେଲେ ହିଁ ସମାଜବାଦ ଏକ ବାସ୍ତବ ଶକ୍ତିରେ ପରିଣତ ହୋଇପାରିବ। ଏଗୁଡ଼ିକହିଁ ହେଉଛି ଇଂଲ୍ୟାଣ୍ଡ ଶ୍ରମିକ ଶ୍ରେଣୀର ଅବସ୍ଥା ସଂପର୍କିତ ଏଙ୍ଗେଲ୍‌ସଙ୍କ ପୁସ୍ତକର ମୁଖ୍ୟ ଦ୍ରଷ୍ଟବ୍ୟ ବିଷୟ। ଆଜି ସେହି ଭାବଧାରାଗୁଡ଼ିକୁ ସମସ୍ତ ଚିନ୍ତାଶୀଳ ଓ ସଂଗ୍ରାମରତ ସର୍ବହରା ଗ୍ରହଣ କରି ନେଇଥିଲେ ମଧ୍ୟ ସେତେବେଳେ ସେହି ଭାବଧାରା ଗୁଡ଼ିକ ଥିଲା ସଂପୂର୍ଣ୍ଣ ଅଭିନବ। ଏହି ଭାବଧାରାଗଡ଼ିକ ଅତ୍ୟନ୍ତ ହୃଦୟଗ୍ରାହୀ ଶୈଳୀରେ ଉପୋରୋକ୍ତ ବହିରେ ଉପସ୍ଥାପିତ ହୋଇଥିଲା ଓ ଏଥିରେ ଇଂଲ୍ୟାଣ୍ଡର ସର୍ବହରା ଶ୍ରେଣୀର ଅବସ୍ଥା ଅତ୍ୟନ୍ତ ମର୍ମନ୍ତୁଦ ଓ ବିଶ୍ୱାସଯୋଗ୍ୟଭାବେ ଚିତ୍ରଣ କରାଯାଇଥିଲା। ଏହି ବହିଟିରେ ପୁଞ୍ଜିବାଦ ଓ ବୁର୍ଜୁଆମାନଙ୍କୁ ଅତ୍ୟନ୍ତ ସାଂଘାତିକ ଭାବେ ଅଭିଯୁକ୍ତ କରାଯାଇଥିଲା ଏବଂ ସେତେବେଳେ ଏହି ବହିଟି ପ୍ରଚଣ୍ଡ ପ୍ରଭାବ ବିସ୍ତାର କରିଥିଲା। ଆଧୁନିକ ଶ୍ରମିକ ଶ୍ରେଣୀର ଅବସ୍ଥା ସଂପର୍କରେ ସବୁଠାରୁ ବାସ୍ତବ ଓ ବିଶ୍ୱାସଯୋଗ୍ୟ ଚିତ୍ର ପ୍ରଦାନ କରିଥିବାରୁ ଏଙ୍ଗେଲ୍‌ସଙ୍କ ଦ୍ୱାରା ରଚିତ ଏହି ପୁସ୍ତକଟି ସବୁସ୍ଥାନରେ ଉଦ୍ଧୃତ ହେବାକୁ ଲାଗିଲା। ବାସ୍ତବରେ ୧୮୪୫ ମସିହା ପୂର୍ବରୁ ବା ପରେ କେବେହେଲେ ଶ୍ରମିକ ଶ୍ରେଣୀର ଅବସ୍ଥା ସଂପର୍କରେ ଏହାଠାରୁ ଅଧିକ ମର୍ମସ୍ପର୍ଶୀ ଓ ସତ୍ୟନିଷ୍ଠ ଚିତ୍ର ଆତ୍ମପ୍ରକାଶ କରିନାହିଁ। (କ୍ରମଶଃ)

# ବଂଚିବାପାଇଁ ହେଲେ ଚାଷୀମାନଙ୍କୁ କେନ୍ଦ୍ର ସରକାର ନିକଟରୁ ନିଜର ନ୍ୟାଯ୍ୟ ଦାବି ଛଡାଇ ଆଣିବାକୁ ହେବ

ଏ ଦେଶର କୃଷକ-କ୍ଷେତ ମଜଦୁରମାନଙ୍କର ଅପରିସୀମ ଦୁଃଖ ଯନ୍ତ୍ରଣା କଥା କାହାରିକୁ ଅଜଣା ନାହିଁ। ଏ ଦେଶରେ ପ୍ରତି ୨୨ ମିନିଟ୍‌ରେ ଜଣେ କୃଷକ ଆତ୍ମହତ୍ୟା କରୁଛି। ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଦାରିଦ୍ର୍ୟର ଦୁଃସହ ଜ୍ୱାଳା ସହ୍ୟକରି କୃଷକମାନଙ୍କୁ ଦିନ କାଟିବାକୁ ହେଉଛି। ଏହି ଦୁର୍ଦ୍ଦଶାଗ୍ରସ୍ତ କୃଷକମାନଙ୍କ ପ୍ରତି ସରକାରଙ୍କର ନଜର ନାହିଁ। ଦେଶୀ-ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କ ସେବା କରିବାରେ ସରକାର ବ୍ୟସ୍ତ। ସ୍ୱାଭାବିକ ଭାବରେ ଏହିସବୁ ଏକଚାଟିଆ ପୁଞ୍ଜିପତିମାନଙ୍କର ସଂପଦ ଲଗାତର ବୃଦ୍ଧି ପାଉଛି। ଶତକଡା ୧ଭାଗ ଅତି ଧନୀଙ୍କ ହାତରେ ଦେଶର ଶତକଡା ୪୦ଭାଗ ସଂପଦ ଠୁଳ ହୋଇଛି। ଅନ୍ୟପଟରେ ଦେଶର ସାଧାରଣ ମଣିଷ କ୍ରମାଗତ ଦାରିଦ୍ର୍ୟର ଅତଳ ଗହ୍ୱରରେ ନିକ୍ଷିପ୍ତ ହେଉଛନ୍ତି। ଏ ଦେଶର କୃଷକର ଦୁଃଖ ଯନ୍ତ୍ରଣାର ଇତିହାସ ଖୁବ୍ ଦୀର୍ଘ। ଆସନ୍ତୁ ଏହି ଇତିହାସ ଉପରେ ସାମାନ୍ୟ ଆଲୋଚନା କରିବା।

ସ୍ୱାଧୀନତା ଅର୍ଜନ ପରଠାରୁ ହିଁ ଏ ଦେଶର କୃଷି ପୁଞ୍ଜିବାଦୀ ରାସ୍ତାରେ ବିକଶିତ ହୋଇଛି। ଏହି ରାସ୍ତାରେ, ବିଶେଷକରି ତଥାକଥିତ ସବୁଜ ବିପ୍ଳବ ପରଠାରୁ ଧିରେ ଧିରେ କୃଷି ଉତ୍ପାଦନ ସାମଗ୍ରୀ, ଜମି ଓ କୃଷି ବିପଣନ ଗୋଟିଏ ପରେ ଗୋଟିଏ ଏକଚାଟିଆ ପୁଞ୍ଜିର କବଳକୁ ଚାଲିଯିବାର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସମସ୍ତ କୃଷି ଉପକରଣ ଓ କୃଷିଜାତ ପଣ୍ୟ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଚାଲିଯାଇଛି। ସମସ୍ତ ସରକାରୀ ନୀତି ଓ ପରିକଳ୍ପନା ଏହି ଲକ୍ଷ୍ୟରେ ହିଁ ପରିଚାଳିତ ହେଉଛି। ଫଳରେ କୃଷକ କ୍ରମାଗତ ଜମି ହରାଇ କ୍ଷେତ ମଜଦୁରରେ ପରିଣତ ହେଉଛି ଏବଂ କ୍ଷେତ ମଜଦୁର ଭିକାରୀରେ ପରିଣତ ହେଉଛି। ବିଗତ ଶତାବ୍ଦିର ନବେ ଦଶକର ପ୍ରାରମ୍ଭରେ ତତ୍‌କାଳୀନ କଂଗ୍ରେସ ସରକାର ଦ୍ୱାରା ଦେଶରେ ନୂତନ ଆର୍ଥିକ ନୀତି ଲାଗୁ କରାଯିବାପରେ ଏହି ପ୍ରକ୍ରିୟା ଆହୁରି ଦ୍ରୁତ ହୋଇଛି। ଅର୍ଥାତ୍ କୁହାଯାଇପାରେ ଯେ ସ୍ୱାଧୀନତା ଅର୍ଜନ ପରଠାରୁ ହିଁ କୃଷକମାନଙ୍କ ଏହି ଧରଣର ସର୍ବନାଶ ଚାଲିଛି।

୨୦୧୪ ମସିହାରେ କ୍ଷମତାସୀନ ହେବାପରେ କେନ୍ଦ୍ର ବିଜେପି ସରକାର କ'ଣ କୌଣସି ଭିନ୍ନ ରାସ୍ତା ଗ୍ରହଣ କରିଛି ? ନା, କେନ୍ଦ୍ର ବିଜେପି ସରକାର ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି। ଏକଚାଟିଆ ପୁଞ୍ଜିର ସେବା କରିବା କ୍ଷେତ୍ରରେ ଏହି ସରକାର ଅତୀତର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି। ଏହି ସରକାର ଗତ ୧୦ବର୍ଷର ଶାସନ କାଳରେ କି ଧରଣର ନୀତି ଗ୍ରହଣ କରିଛି ତା ଉପରେ ଦୃଷ୍ଟିପାତ କରାଯାଉ।

୧- ସମସ୍ତ କୃଷି ଉତ୍ପାଦନ ପାଇଁ ପ୍ରୟୋଜନୀୟ ସାର, ବିହନ, ବିଜୁଳି ଶକ୍ତି, ଯନ୍ତ୍ରପାତି ଇତ୍ୟାଦିର ଘରୋଇକରଣ କରାଯାଇଛି। ବିଜେପି ସରକାର ଏହାକୁ ଚୂଡାନ୍ତ ସ୍ତରକୁ ନେଇଯାଇଛି। ସାର, ବିହନ, କୀଟନାଶକ, ପାଣି, ବିଦ୍ୟୁତ ପ୍ରଭୃତି ଉପରେ ବୃହତ ବହୁଜାତୀୟ ପୁଞ୍ଜିର କର୍ତ୍ତୃତ୍ୱ ବର୍ତ୍ତମାନ ପ୍ରଶ୍ନାତୀତ। ଫଳରେ ଏହି ସମସ୍ତ କୃଷିପଣ୍ୟ ଉତ୍ପାଦନ ପାଇଁ ଖର୍ଚ୍ଚ ଆକାଶ ଛୁଆଁ ହୋଇଛି। ଅର୍ଥାତ୍ ଚାଷପାଇଁ ଖର୍ଚ୍ଚ ବଢିଛି, ଆହୁରି ବଢୁଛି। ଚାଷପାଇଁ ନଗଦ ଟଙ୍କାର ଆବଶ୍ୟକତା ବଢୁଛି। ବିଦ୍ୟୁତ କ୍ଷେତ୍ରକୁ ପୁରାପୁରି ବହୁଜାତିକ ପୁଞ୍ଜିହାତକୁ ଟେକିଦେବାପାଇଁ କେନ୍ଦ୍ର ବିଜେପି ସରକାର ବିଦ୍ୟୁତ ବିଲ ୨୦୨୩ ପ୍ରଣୟନ କରିଛି।

୨- ଚାଷପାଇଁ ଖର୍ଚ୍ଚ ହେଉଥିବା ନଗଦ ଟଙ୍କାର ବ୍ୟବସ୍ଥା ସରକାର କରୁନାହିଁ। କେନ୍ଦ୍ର ବିଜେପି ସରକାରର କୃଷିନୀତି ଫଳରେ କ୍ଷୁଦ୍ର, ମଧ୍ୟମ ଓ ନାମମାତ୍ର ଚାଷୀମାନଙ୍କୁ ବ୍ୟାଙ୍କ ଋଣ ମିଳିବା ଅସମ୍ଭବ ହୋଇଛି। ଫଳରେ ଏହି ଚାଷୀମାନଙ୍କୁ ଗାଁ ମହାଜନ କିମ୍ବା ମାଇକ୍ରୋ ଫାଇନାନ୍ସ ସଂସ୍ଥା ମାନଙ୍କ ଦ୍ୱାରସ୍ଥ ହେବାକୁ ପଡୁଛି। ଅନେକ ଚଢା ସୁଧରେ ଟଙ୍କା ଧାର କରିବାକୁ ହେଉଛି, ଯାହା ପରିଶୋଧ କରିବା ଚାଷୀ ପକ୍ଷରେ ଅସମ୍ଭବ। ଫଳରେ ଋଣବୋଝ ବଢୁଛି, କୃଷକ ଆତ୍ମହତ୍ୟା ଘଟଣା ବଢୁଛି।

୩- ଲାଭଜନକ ଦରରେ ଫସଲ ବିକ୍ରି କରିବାର ବ୍ୟବସ୍ଥା ନାହିଁ। କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ଦରକୁ ଆଇନସିଦ୍ଧ କରିବାପାଇଁ ଅସ୍ୱୀକାର କରିଛି। ସ୍ୱାମୀନାଥନ କମିଟି ସୁପାରିଶ ଅନୁଯାୟୀ ସ୍ଥିରିକୃତ ସର୍ବନିମ୍ନ ସହାୟକ ଦରରେ ୨୩ଟି ଫସଲ ଖରିଦ କରିବାପାଇଁ କେନ୍ଦ୍ର ବିଜେପି ପୂର୍ବରୁ ଘୋଷଣା କରିଥିଲା। ମାତ୍ର କ୍ଷମତାସୀନ ହେବାପରେ ସରକାର କେବଳ ଧାନ ଓ ଗହମ ଖରିଦ କରୁଛନ୍ତି ଏବଂ ଏହି ପରିମାଣ କ୍ରମାଗତ ହ୍ରାସ ପାଇ ଚାଲିଛି। ସେହି ଖରିଦ ପୁଣି ମୁଖ୍ୟତଃ ଦେଶର କେତୋଟି ବିଶେଷ ରାଜ୍ୟ ଓ ଅଂଚଳରୁ କରାଯାଉଛି। ଦେଶର ମାତ୍ର ଶତକଡା ୬ଭାଗ କୃଷକ ଏମ୍‌ଏସ୍‌ପିରେ ଫସଲ ବିକ୍ରିକରିବାର ସୁଯୋଗ ପାଆନ୍ତି ଏବଂ ଉତ୍ପାଦିତ ମୋଟ ଗହମ ଓ ଚାଉଳର ଶତକଡା ୧୩ଭାଗ ହିଁ ଏମ୍‌ଏସ୍‌ପିରେ ବିକ୍ରି ହୁଏ। ବାକି ଗହମ ଓ ଚାଉଳ ଅଭାବୀ ବିକ୍ରି ହୁଏ। ଅନ୍ୟ ଫସଲ କଥା ନ କହିବା ଭଲ।

ବିଜେପି ସରକାର ଏହି ବ୍ୟବସ୍ଥା ମଧ୍ୟ ବନ୍ଦ କରିଦେବାକୁ ଚାହେଁ। ବେସରକାରୀ ମଣ୍ଡି ଖୋଲି ଫସଲ ସଂଗ୍ରହର ଅଧିକାର ବୃହତ ପୁଞ୍ଜିପତିମାନଙ୍କୁ ଦିଆଯିବା ଫଳରେ ଶସ୍ୟ ବଜାର ନିୟନ୍ତ୍ରଣ କ୍ଷେତ୍ରରେ ଏହି ବୃହତ ପୁଞ୍ଜିର ଭୂମିକା ନିର୍ଣ୍ଣାୟକ ହେବ।

୪- ଖୁଚୁରା ବ୍ୟବସାୟରେ ଦେଶୀ-ବିଦେଶୀ ବୃହତ ପୁଞ୍ଜିକୁ ଅବାଧ ପ୍ରବେଶାଧିକାର ଦିଆ ହୋଇଛି। କୃତ୍ରିମ ଭାବରେ ଦର କମ୍ କରି ଛୋଟ ବ୍ୟବସାୟୀ ଓ କୃଷକମାନଙ୍କୁ ବଜାରରୁ ହଟାଇ ଦେବାର ଅସୀମ କ୍ଷମତା ଏହି ବୃହତ ପୁଞ୍ଜିର ରହିଛି। କୃଷକମାନେ ଏହି ବୃହତ ପୁଞ୍ଜି ସମ୍ମୁଖରେ ଅସହାୟ। ଛୋଟ ବ୍ୟବସାୟୀମାନେ ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛନ୍ତି।

ଏ ବର୍ଷ ହିମାଚଳ ପ୍ରଦେଶର କୃଷକମାନେ ଆଦାନୀ କମ୍ପାନୀକୁ କିଲୋପ୍ରତି ୧୮ଟଙ୍କା ଦରରେ ସେଓ ବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି। ସେହି ସେଓକୁ ଦିଲ୍ଲୀରେ ଥିବା ଆଦାନୀ ରିଟେଲ ଦୋକାନରେ କିଲୋପିଛା ୨୬୯ଟଙ୍କାରେ ବିକ୍ରି କରାଯାଉଛି। ମନେରଖିବାକୁ ହେବ, ଆଦାନୀ କମ୍ପାନୀ ସେଓର ଖୁଚୁରା ବ୍ୟବସାୟରେ ପ୍ରବେଶ କରିବା ପୂର୍ବରୁ ସେଓ ଚାଷୀମାନେ ସେଓ କିଲୋପ୍ରତି ୭୦ରୁ ୮୦ଟଙ୍କାରେ ବିକ୍ରି କରୁଥିଲେ। ଖାଉଟି ମଧ୍ୟ ଯଥେଷ୍ଟ କମ୍ ଦରରେ ସେଓ କିଣିପାରୁଥିଲା। ଏହା ଏକ ଉଦାହରଣ ମାତ୍ର।

୫- ବିଜେପି ୨୦୧୪ ମସିହାରେ କେନ୍ଦ୍ରରେ କ୍ଷମତାସୀନ ହେବାପରେ କୃଷିଜାତ ଦ୍ରବ୍ୟର ଆମଦାନୀ ରପ୍ତାନୀ ନିୟମରେ ବହୁ ପରିବର୍ତ୍ତନ କରିଛି। ସବୁକିଛି କରାଯାଇଛି ଦେଶର ଖାଦ୍ୟ ବ୍ୟବସାୟୀମାନଙ୍କ ମୁନାଫାକୁ ଆଖି ଆଗରେ ରଖି। ଏଠାରେ ଏକ ଉଦାହରଣ ଦେଲେ ପାଠକମାନଙ୍କୁ ବୁଝିବାପାଇଁ ସୁବିଧାଜନକ ହେବ। ଇଣ୍ଡୋନେସିଆରୁ ଶସ୍ତାରେ ଦୁଗ୍ଧ ଆମଦାନୀ କରିବାପାଇଁ କେନ୍ଦ୍ର ସରକାର ସିଟି ସିଣ୍ଡିକେଟ କମ୍ପାନୀକୁ ଅନୁମତି ଦେଇଛି। ଏହା ଫଳରେ ଦେଶର ଲକ୍ଷ ଲକ୍ଷ ଦୁଗ୍ଧ ଚାଷୀ ମୁଣ୍ଡରେ ହାତ ଦେଇ ବସିବାକୁ ବାଧ୍ୟ ହେବେ। ତୈଳବୀଜ କ୍ଷେତ୍ରରେ ମଧ୍ୟ ସମାନ କଥା ଦେଖିବାକୁ ମିଳୁଛି। ସଂପ୍ରତି କେନ୍ଦ୍ର ସରକାର ତୁଳା ଉପରେ ଶତକଡା ୩୦% ଆମଦାନୀ ଶୁଳ୍କ ହ୍ରାସ କରିଛି। ଏହାଫଳରେ ଦେଶର ଲକ୍ଷ ଲକ୍ଷ କପା ଚାଷୀଙ୍କର ସର୍ବନାଶ ହୋଇଛି। ଏହିଭଳି ବହୁ ବିଷୟ ରହିଛି ଯାହା ଆଗାମୀ ଦିନରେ ଦେଶର ଚାଷୀକୂଳକୁ ଆହୁରି ସର୍ବସ୍ୱାନ୍ତ କରିବ।

୬- ୨୦୧୬ ମସିହାରେ କେନ୍ଦ୍ର ବିଜେପି ସରକାର ମଡେଲ ଏଗ୍ରିକଲଚରାଲ ଲ୍ୟାଣ୍ଡ ଲିଜ୍ ଆଇନ ପ୍ରଣୟନ କରିଥିଲେ। ଉଦ୍ଦେଶ୍ୟଥିଲା କୃଷି ଜମିକୁ ଅଣକୃଷି କାମରେ ବ୍ୟବହାର ପାଇଁ ଅନୁମତି ଦେବା। ଏହି ଆଇନ ବଳରେ ସମଗ୍ର ଦେଶରେ ଲକ୍ଷ ଲକ୍ଷ ଏକର କୃଷି ଜମି ଏକଚାଟିଆ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦିଆଯାଇଛି।

୭- କେନ୍ଦ୍ର ବିଜେପି ସରକାର ୨୦୨୨ ମସିହାରେ ନ୍ୟାସନାଲ ହାଇୱେ ଆଇନରେ ସଂଶୋଧନ କରି କୃଷିଜମି ଅଧିଗ୍ରହଣ ପାଇଁ ଏକ ମାରାତ୍ମକ ପରକଳ୍ପନା କରିଛି। ଏହି ଆଇନ ଅନୁଯାୟୀ ସରକାର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ୨ କିଲୋମିଟର ପର୍ଯ୍ୟନ୍ତ ଚାଷଜମି କୃଷକମାନଙ୍କର ବିନା ସମ୍ମତିରେ ମଧ୍ୟ ଅଧିଗ୍ରହଣ କରିପାରିବେ। ଏହି ଆଇନ ବଳରେ ସରକାର ବାସ୍ତବରେ କୋଟି କୋଟି ଏକର ଚାଷ ଜମି ଉପରେ ଯେକୌଣସି ମୁହୂର୍ତ୍ତରେ ଅଧିଗ୍ରହଣର ଖଣ୍ଡା ଝୁଲାଇ ଦେଲେ।

୮- କେନ୍ଦ୍ର ବିଜେପି ସରକାର ଇତି ମଧ୍ୟରେ ବିଭିନ୍ନ କୃଷିପଣ୍ୟ କ୍ଷେତ୍ରରେ ଚୁକ୍ତି ଚାଷ ଚାଲୁ କରିଛନ୍ତି।

୯- ଫସଲ ବୀମା କ୍ଷେତ୍ରରେ କେନ୍ଦ୍ର ବିଜେପି ସରକାର କୃଷକମାନଙ୍କ ସହିତ ଚରମ ଧପ୍ପାବାଜୀ କରିଛି। ଯୋଜନାର ନାମ ଦିଆଯାଇଛି 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'। କିନ୍ତୁ ବାସ୍ତବରେ ଏହି ଯୋଜନା କ'ଣ ? ଏହି ଯୋଜନା ଅନୁଯାୟୀ କୃଷକମାନଙ୍କୁ ହିଁ ବହୁଜାତିକ ବୀମା କମ୍ପାନୀମାନଙ୍କର ପ୍ରିମିୟମ ଦାଖଲ କରିବାକୁ ହେଉଛି, ସରକାର ଏଥିପାଇଁ କୌଣସି ସହାୟତା ଦେଉନାହାନ୍ତି। କ୍ଷତିପୂରଣର ପରିମାଣ ଏହି ବୀମା କମ୍ପାନୀ ସ୍ଥିର କରୁଛନ୍ତି। ଏହାଫଳରେ ବହୁ ଜାତୀୟ ବୀମା କମ୍ପାନୀମାନେ ବିପୁଳ ମୁନାଫା ଲୁଟ କରୁଛନ୍ତି। ସେମାନେ ଆଦାୟ କରୁଥିବା ପ୍ରିମିୟମର ଶତକଡା ୯୭ଭାଗ ଟଙ୍କା ଲାଭ ଆକାରରେ ଆତ୍ମସାତ କରୁଛନ୍ତି। ବିପର୍ଯ୍ୟସ୍ତ ଚାଷୀମାନଙ୍କୁ ଆବଶ୍ୟକ ଅର୍ଥ ମିଳୁନାହିଁ। ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଚାଷୀମାନଙ୍କୁ ସହାୟତା ଦେବା ଆଳରେ ଏହା ହେଉଛି ଏକ ପ୍ରକାର ଅମାନୁଷିକ ଶୋଷଣ।

୧୦- ମନରେଗା ଯୋଜନା ଜରିଆରେ କ୍ଷେତ ମଜୁରିଆମାନଙ୍କୁ ବର୍ଷରେ ଶହେ ଦିନ ନିଶ୍ଚିତ କର୍ମ ଯୋଗାଣ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ବଜେଟ୍‌ରେ ବ୍ୟୟ ବରାଦ କାର୍ଯ୍ୟତଃ ହ୍ରାସ କରିଛି। ଏହି ଆଇନକୁ ଇଚ୍ଛାକୃତ ଭାବରେ ଏତେ ଜଟିଳ କରାଯାଇଛି ଏବଂ ମଜୁରୀ ଏତେ କମ ରଖାଯାଇଛି ଯେ ଗ୍ରାମାଂଚଳରେ କର୍ମହୀନ ଲୋକ ଏହି ଯୋଜନାରେ କାମ କରିବାପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହିଭଳି ଭାବରେ ଏହି ଆଇନକୁ ବାସ୍ତବ କ୍ଷେତ୍ରରେ ଅକାର୍ଯ୍ୟକାରୀ କରିଦିଆ ଯାଇଛି।

କେନ୍ଦ୍ର ସରକାରଙ୍କର ଏହି ସମସ୍ତ କୃଷକ ବିରୋଧୀ ଆଇନକୁ ପୂର୍ବତନ ବିଜେଡି ସରକାର ଓ ବର୍ତ୍ତମାନର ରାଜ୍ୟ ବିଜେପି ସରକାର କାର୍ଯ୍ୟକାରୀ କରୁଛି। ଏହିସବୁ ପ୍ରଶ୍ନରେ ବିଭିନ୍ନ କ୍ଷମତା ସର୍ବସ୍ୱ ରାଜନୈତିକ ଦଳମାନଙ୍କ ମଧ୍ୟରେ କୌଣସି ତଫାତ୍ ନାହିଁ। ରାଜ୍ୟରେ ବହୁ ପୂର୍ବରୁ ବିଗତ ଶତାବ୍ଦୀର ନବେ ଦଶକର ପ୍ରାରମ୍ଭରେ ତତ୍‌କାଳୀନ କଂଗ୍ରେସ ସରକାର ଚୁକ୍ତିଚାଷ ବ୍ୟବସ୍ଥା ଚାଲୁ କରିଛି। ଏହାବ୍ୟତୀତ ଗତ ବିଧାନସଭା ନିର୍ବାଚନରେ ପରାଜିତ ହୋଇଥିବା ବିଜେଡି ସରକାର ଚାଷୀ ସ୍ୱାର୍ଥ ବିରୋଧୀ ଜମି ଅଧିଗ୍ରହଣ ଆଇନ ଓ ଆଦିବାସୀମାନଙ୍କ ଜମି ଓ ଜଙ୍ଗଲ ଜମି ଶିଳ୍ପପତିମାନଙ୍କ ହାତକୁ ଟେକିଦେବା ଉଦ୍ଦେଶ୍ୟରେ ଆଇନ ପ୍ରଣୟନ କରିଛି। ଏହି ପ୍ରକ୍ରିୟାରେ ରାଜ୍ୟର ଚାଷୀ ସର୍ବସ୍ୱାନ୍ତ ହୋଇଛି। ଋଣଗ୍ରସ୍ତ ହୋଇ ଆତ୍ମହତ୍ୟାର ରାସ୍ତା ବାଛି ନେଉଛି। ଚାଷୀ ପୁଅ ଚାଷ ଛାଡି ଦାଦନ ଶ୍ରମିକରେ ରୂପାନ୍ତରିତ ହେଉଛି। ଚାଷ ଛାଡି, ଭିଟାମାଟି ଛାଡି କାମର ସନ୍ଧାନରେ ଦେଶସାରା ଘୁରିବୁଲୁଛି। ସହରର ରାସ୍ତାକଡରେ ଗଢିଉଠୁଥିବା ପୁତିଗନ୍ଧମୟ ବସ୍ତିରେ ମୁଣ୍ଡ ଗୁଞ୍ଜି ଜୀବନ ଯାପନ କରିବା ବ୍ୟତୀତ ଚାଷୀପୁଅ ନିକଟରେ ଅନ୍ୟକିଛି ବିକଳ୍ପ ନାହିଁ।

ମାତ୍ର ନୀପିଡିତ, ଶୋଷିତ ଚାଷୀ-ମୂଲିଆ ମଣିଷଭଳି ବଂଚି ରହିବାକୁ ଚାହେଁ। ବଂଚିବା ପାଇଁ ନିଜର ହକ୍ ଆଦାୟ ପାଇଁ ଦେଶର ବିଭିନ୍ନ ପ୍ରାନ୍ତର ଚାଷୀ ଆନ୍ଦୋଳନର ରାସ୍ତାରେ ପାଦ ଦେଉଛି। ଦିଲ୍ଲୀ ସୀମାନ୍ତରେ ଐତିହାସିକ କୃଷକ ଆନ୍ଦୋଳନ ଦେଶର ଗଣଆନ୍ଦୋଳନ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଗ କରିଛି। ଏହି ଆନ୍ଦୋଳନରତ କୃଷକମାନେ ଦାବି କରୁଛନ୍ତି ସରକାର ଏଭଳି ବ୍ୟବସ୍ଥା କରନ୍ତୁ ଯାହାଦ୍ୱାରା ଚାଷୀ ଅଭାବଗ୍ରସ୍ତ ହୋଇ ମୃତ୍ୟୁକୁ ବରିଦେବାକୁ ବାଧ୍ୟ ହେବେ ନାହିଁ, ସେମାନଙ୍କ ସନ୍ତାନ ସନ୍ତତି ପେଟପୁରା ଦୁଇମୁଠା ଖାଇବାକୁ ପାଇବେ, ରୋଗ ହେଲେ ଚିକିତ୍ସାର ସୁଯୋଗ ପାଇବେ, ଶିକ୍ଷାର ଆଲୋକରୁ ବଂଚିତ ହେବେ ନାହିଁ। ଏଥିପାଇଁ କୃଷିକାର୍ଯ୍ୟକୁ ଲାଭଦାୟକ କରିବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ହେବ।

ଏଥିପାଇଁ ସରକାରଙ୍କୁ ଦୁଇଟା କାମ କରିବାକୁ ହେବ। ପ୍ରଥମତଃ ଚାଷର ଖର୍ଚ୍ଚ ହ୍ରାସ କରିବାକୁ ହେବ। ଅର୍ଥାତ୍ ସାର, ବିହନ, କୀଟନାସକ, କୃଷି ଯନ୍ତ୍ରପାତି ଦର ହ୍ରାସ କରିବାକୁ ହେବ ଏବଂ ସୁଲଭ ମୂଲ୍ୟରେ କୃଷକମାନଙ୍କୁ ବିଜୁଳି ଓ ଡିଜେଲ ଯୋଗାଇବାକୁ ହେବ। ଏ କ୍ଷେତ୍ରରୁ ଘରୋଇ କମ୍ପାନୀମାନଙ୍କୁ ବିଦାୟ ଦେବାକୁ ହେବ। ଦ୍ୱିତୀୟତଃ, ଉତ୍ପାଦିତ ଫସଲକୁ ଚାଷୀଠାରୁ ଲାଭଜନକ ଦରରେ ଖରିଦ କରିବାର ବ୍ୟବସ୍ଥା ସରକାରଙ୍କୁ ହିଁ କରିବାକୁ ହେବ। କୃଷକ ଉତ୍ପାଦନ କରୁଥିବା ସମସ୍ତ ଫସଲ ସରକାର ଉପଯୁକ୍ତ ଦାମରେ କିଣିବା ବ୍ୟବସ୍ଥାକୁ ଆଇନସିଦ୍ଧ କରିବାକୁ ହେବ। ଏହା ସହିତ ଖାଉଟି ମାନଙ୍କୁ ସରକାରୀ ବିତରଣ ବ୍ୟବସ୍ଥା ମାଧ୍ୟମରେ ସୁଲଭ ମୂଲ୍ୟରେ ଖାଦ୍ୟ ଶସ୍ୟ ଯୋଗାଇ ଦେବାର ଦାୟିତ୍ୱ ସରକାରକୁ ହିଁ ବହନ କରିବାକୁ ହେବ। ମାତ୍ର କୃଷକମାନଙ୍କ ପକ୍ଷରୁ ଏହି ଦାବି ଉଠିବା ମାତ୍ରେହିଁ ସରକାରଙ୍କର ଦରବାରୀ ବୁଦ୍ଧିଜୀବୀମାନେ ତୁରନ୍ତ ପ୍ରଚାର ଆରମ୍ଭ କରି ଦେଉଛନ୍ତି ଯେ ଏହି ଦାବି ପୂରଣ ହେଲେ ସରକାର ଦେବାଳିଆ ହୋଇଯିବେ, ଦେଶର ଅର୍ଥନୀତି ଭୁଷୁଡି ପଡିବ।

ଏହି ଦାବି ପୂରଣ ସମ୍ଭବ କି ନା ସେ ବିଷୟରେ ପରେ ଆଲୋଚନା କରାଯିବ। ବର୍ତ୍ତମାନ ଏଠାରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆମେ ଆଲୋଚନା କରିବୁ। ପ୍ରସଙ୍ଗଟି ହେଉଛି ସରକାରର କାମ କ'ଣ ? ସରକାରର ସର୍ବପ୍ରଥମ କାମ ହେଉଛି ଜନସାଧାରଣଙ୍କର ଖାଦ୍ୟ, ବସ୍ତ୍ର, ବାସସ୍ଥାନ, ସ୍ୱାସ୍ଥ୍ୟସେବା, ଶିକ୍ଷାର ବ୍ୟବସ୍ଥା କରିବା। ସମସ୍ତ ସଭ୍ୟ ଦେଶର ସରକାରମାନଙ୍କର ଏହା ହେଉଛି ପ୍ରାଥମିକ ଦାୟିତ୍ୱ। ଆମ ଦେଶର ସରକାର ଏହି ଦାୟିତ୍ୱ ପାଳନ କରୁନାହିଁ। ସରକାର ସବୁକିଛିକୁ ପଣ୍ୟରେ ପରିଣତ କରିଛି। ଅର୍ଥାତ୍ ଜନସାଧାରଣଙ୍କୁ ସବୁକିଛି ବ୍ୟବସାୟୀ ମାନଙ୍କଠାରୁ ଖରିଦ କରିବାକୁ ହେବ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଖାଦ୍ୟ, ବସ୍ତ୍ର ଇତ୍ୟାଦି ସବୁକିଛି। ତା'ହେଲେ ସରକାରର କାମ କ'ଣ ? ଏକଚାଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥରକ୍ଷା ପାଇଁ କ୍ଷୁଧାର୍ତ୍ତ ଜନସାଧାରଣଙ୍କୁ ଲାଠି, ଗୁଳି, ଟିଅର ଗ୍ୟାସ ବଳରେ ଭୟଭୀତ କରି ଶାସନ କରିବା କ'ଣ ସରକାରଙ୍କ କାମ ? ବାସ୍ତବରେ ସରକାର ଏହାହିଁ କରୁଛି। ଅନ୍ୟପଟରେ ଗୋଟିଏ ପରେ ଗୋଟିଏ କଳା ଆଇନ ପ୍ରଣୟନ କରି ଜନସାଧାରଣଙ୍କ ବାକ ସ୍ୱାଧୀନତା, ଗଣତାନ୍ତ୍ରିକ ଅଧିକାରକୁ ଛଡାଇନେବା ସରକାରଙ୍କର ମୁଖ୍ୟ କାମରେ ପରିଣତ ହୋଇଛି।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ବଂଚିବା ପାଇଁ . . .

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ସେଥିପାଇଁ ଦିଲ୍ଲୀର ଐତିହାସିକ କୃଷକ ଆନ୍ଦୋଳନର ମୁଖ୍ୟ ସ୍ଲୋଗାନ ଥିଲା "ଏକଚାଟିଆ ପୁଞ୍ଜିପତି ମାନେ ଆମର ଶତ୍ରୁ, କର୍ପୋରେଟ ହଟାଅ ଚାଷ ବଂଚାଅ।"

ମାତ୍ର ଏହି ଏକଚାଟିଆ ପୁଞ୍ଜିପତିମାନଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରିବାର କ୍ଷମତା କୌଣସି ସରକାରର ନାହିଁ। ସେଥିପାଇଁ ଦଶଂଧି ଦଶଂଧି ଧରି ସରକାରମାନେ ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ସେଥିରେ ସାଧାରଣ ଲୋକଙ୍କର ସର୍ବନାଶ ହେଉଛି। ଏକଚାଟିଆ ପୁଞ୍ଜିପତିମାନଙ୍କର ସଂପଦ ଦ୍ରୁତ ବଢିଚାଲିଛି। ଏକଚାଟିଆ ପୁଞ୍ଜିପତିମାନଙ୍କ ପାଇଁ ଭଣ୍ଡାର ଖୋଲି ଦେଇଥିବା ସରକାର ଚାଷୀ ଓ ସାଧାରଣ ମଣିଷଙ୍କ ସ୍ୱାର୍ଥରେ କୌଣସି ପଦକ୍ଷେପ ଗ୍ରହଣ କରିବାପାଇଁ ଦାବି କରାଗଲେ ଅର୍ଥାଭାବର ଆଳ ଦେଖାଉଛନ୍ତି। ମାତ୍ର ବାରବାର ହିସାବକରି ସରକାରଙ୍କୁ ଦେଖାଇ ଦିଆଯାଇଛି ଯେ ୨୩ଟି ଫସଲର ସର୍ବନିମ୍ନ ସହାୟକ ଦର ବା ଏମ୍‌ଏସ୍‌ପି ଲାଗୁକରି ସରକାର କୃଷକମାନଙ୍କୁ ସେମାନଙ୍କ ଉତ୍ପାଦନ ଖର୍ଚ୍ଚର ଦେଢଗୁଣ ଦରରେ ଫସଲ ଖରିଦକରି ସାଧାରଣ ଲୋକଙ୍କ ପାଖରେ ସୁଲଭ ମୂଲ୍ୟରେ ପହଂଚାଇବାର ବ୍ୟବସ୍ଥା କଲେ ବା ସଂକ୍ଷେପରେ କହିଲେ ଖାଦ୍ୟ ସାମଗ୍ରୀର ସାମଗ୍ରିକ ରାଷ୍ଟ୍ରୀୟ ବାଣିଜ୍ୟ ଚାଲୁକଲେ ଫସଲ ଖରିଦ ପାଇଁ ସରକାର ବର୍ତ୍ତମାନ କରୁଥିବା ବ୍ୟୟଠାରୁ ମାତ୍ର ଦେଢରୁ ଦୁଇ ଲକ୍ଷ କୋଟି ଟଙ୍କା ଅଧିକ ଖର୍ଚ୍ଚ ହେବ। ଏହା ଦେଶର ସାଧାରଣ ଲୋକଙ୍କଠାରୁ ଆଦାୟ କରାଯାଉଥିବା ଟଙ୍କା। ଉଲ୍ଲେଖଯୋଗ୍ୟ ସରାକରୀ ରାଜସ୍ୱରେ ସାଧାରଣ ଲୋକଙ୍କଠାରୁ ଆଦାୟ କରାଯାଉଥିବା କର ଟିକସର ଭାଗ ବଢି ଚାଲିଛି। କର୍ପୋରେଟ ମାନଙ୍କଠାରୁ ଆଦାୟ କରାଯାଉଥିବା କର ଟିକସର ପରିମାଣ କମି ଚାଲିଛି। ଏହି ବ୍ୟବସ୍ଥା ଲାଗୁ ହେଲେ କେବଳ ଚାଷୀ ନୁହେଁ ଦେଶର ପ୍ରତିଟି ଲୋକ ଅର୍ଥାତ୍ ୧୪୦ କୋଟି ଲୋକ ଏହାଦ୍ୱାରା ଉପକୃତ ହେବେ। ଏଥିପାଇଁ ଯଦି ଅଧିକ ଦୁଇ ଲକ୍ଷ କୋଟି ଟଙ୍କା ସରକାର ଖର୍ଚ୍ଚ କରିପାରିବେ ନାହିଁ ତା' ହେଲେ ସେହି ସରକାର ହାତଗଣତି ଏକଚାଟିଆ ପୁଞ୍ଜିପତିଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କା କର ଛାଡ, ଆମଦାନୀ-ରପ୍ତାନୀ ଶୁଳ୍କ ଛାଡ, ବ୍ୟାଙ୍କମାନେ ଆଦାୟ କରୁନଥିବା ଋଣ ଛାଡ କିଭଳି କରୁଛି ? ଏହି ସହଜ, ସରଳ ପ୍ରଶ୍ନଟିର ଯୁକ୍ତିଯୁକ୍ତ ଓ ସନ୍ତୋଷଜନକ ଉତ୍ତର ସରକାରଙ୍କ ପାଖରେ ନାହିଁ କିମ୍ବା ସରକାରଙ୍କର ବସମ୍ବଦ ଅର୍ଥଶାସ୍ତ୍ରୀ, ବୁଦ୍ଧିଜୀବୀ, ସ୍ତମ୍ଭକାର ମାନଙ୍କ ପାଖରେ ନାହିଁ।

କୃଷକମାନେ ଲଢେଇ କରୁଛନ୍ତି ସରକାରଙ୍କର ଏହି ଧରଣର ଏକଚାଟିଆ ପୁଞ୍ଜିପତି ତୋଷଣ ଓ ଚାଷୀମାରଣ ନୀତି ବିରୁଦ୍ଧରେ। ଏହାର କିଛିଟା ନମୁନା ଆମେ ଦିଲ୍ଲୀ ସୀମାନ୍ତରେ ଗଢିଉଠିଥିବା ଐତିହାସିକ କୃଷକ ଆନ୍ଦୋଳନ ମଧ୍ୟରେ ଦେଖିବାକୁ ପାଇଛୁ। ଦୀର୍ଘ ୧୩ ମାସ ବ୍ୟାପୀ ଚାଲିଥିବା ଏହି କୃଷକ ଆନ୍ଦୋଳନରେ ୭୫୦ଜଣ କୃଷକ ଆତ୍ମାହୂତି ଦେଇଛନ୍ତି। ଗର୍ବର ସହିତ ଆନ୍ଦୋଳନକାରୀ ଚାଷୀମାନେ ଘୋଷଣା କରିଛନ୍ତି, ଆମେ ଲଢିବୁ, ଆମେ ଜୟଲାଭ କରିବୁ। ଆନ୍ଦୋଳନ ଫଳରେ ମୋଦି ସରକାର ୩ଟି କଳା କୃଷି ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲା। ସେହି ରାସ୍ତା ଅନୁସରଣ କରି କୃଷକମାନେ ପୁନର୍ବାର ଆନ୍ଦୋଳନର ପ୍ରସ୍ତୁତି ଚଳାଇଛନ୍ତି। ଆଶା କରୁଛୁ ଏହି ଆନ୍ଦୋଳନ ଦେଶର ଚାଷୀକୂଳ ଓ ସାଧାରଣ ମଣିଷର ନ୍ୟାୟସଂଗତ ଦାବି ପୂରଣ କରିବା କ୍ଷେତ୍ରରେ ନିର୍ଣ୍ଣାୟକ ଭୂମିକା ପାଳନ କରିବ।

★ ★ ★

## ବାଙ୍ଗଲାଦେଶର ସାମ୍ପ୍ରତିକ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

କରୁଛି। ତେଣୁ ବାଙ୍ଗଲାଦେଶର ଛାତ୍ର ସମାଜ ତାଙ୍କର ଇସ୍ତଫା ଦାବି କରି ଆନ୍ଦୋଳନ କରୁଛନ୍ତି। ଏହି ଆନ୍ଦୋଳନ ଭାରତୀୟ ଲୋକମାନଙ୍କ ବିରୁଦ୍ଧରେ ନୁହେଁ। ଭାରତୀୟ ଶିଳ୍ପପତି ଏବଂ ପୁଞ୍ଜିପତି ଯେଉଁମାନେ ଭାରତକୁ ଲୁଣ୍ଠନ କରୁଛନ୍ତି ସେମାନେ ବାଙ୍ଗଲାଦେଶକୁ ମଧ୍ୟ ଲୁଣ୍ଠନ କରୁଛନ୍ତି। ସେମାନେ ବାଙ୍ଗଲାଦେଶର ଜନଗଣଙ୍କୁ ଲୁଣ୍ଠନ କରିବା ପାଇଁ ଚୀନ ସାମ୍ରାଜ୍ୟବାଦ ଯିଏ ମଧ୍ୟ ବାଙ୍ଗଲାଦେଶର ବଜାରକୁ ଶୋଷଣ କରୁଛି ତା'ସହ ପ୍ରତିଯୋଗିତା କରୁଛନ୍ତି। ଏହି କାରଣ ପାଇଁ ଭାରତ ସରକାର ଶେଖ ହାସିନାଙ୍କର ଆୱାମୀ ଲୀଗ୍ ସରକାର ବିରୁଦ୍ଧରେ ମୁହଁଖୋଲୁ ନାହିଁ; ବରଂ ଆଜି ପର୍ଯ୍ୟନ୍ତ ତାଙ୍କୁ ସମର୍ଥନ ଦେଇ ଆସିଛି। ତେଣୁ ବାଙ୍ଗଲାଦେଶର ଜନଗଣ ଭାରତୀୟ ମାଲିକ ପୁଞ୍ଜିପତି ଓ ଶିଳ୍ପପତିମାନଙ୍କୁ ବିରୋଧ କରୁଛନ୍ତି। ସେମାନଙ୍କର ଆକ୍ରୋଶ ଭାରତ ସରକାର ବିରୁଦ୍ଧରେ ଫାଟି ପଡୁଛି।

**କମ୍ରେଡ ପ୍ରଭାସ ଘୋଷ ଅଗଷ୍ଟ ୭ତାରିଖରେ ସାମ୍ୟବାଦୀ ଦୃଷ୍ଟିକୋଣକୁ ଦେଇଥିବା ସାକ୍ଷାତକାର ଆଲୋଚନା**

ମୁଁ ୫ ଅଗଷ୍ଟରେ କହିଥିଲି, ବାଙ୍ଗଲାଦେଶ ଛାତ୍ରମାନଙ୍କର ଦାବି ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ଓ ନ୍ୟାୟସଙ୍ଗତ। ମୁଁ ଆହୁରି ମଧ୍ୟ କହିଥିଲି ଯେ, ଯେତେବେଳେ ଲକ୍ଷ ଲକ୍ଷ ଛାତ୍ର ଶେଖ ହାସିନା ସରକାରର ସୈରାଚାରୀ ଶାସନ ବିରୁଦ୍ଧରେ ଗୁଳିକୁ ସାମନା କରି ରକ୍ତ ବୁହାଉ ଥିଲେ ଓ ମୃତ୍ୟୁକୁ ଆଲିଙ୍ଗନ କରି ଶହୀଦ ହେଉଥିଲେ, ସେତେବେଳେ ସେମାନେ ରବୀନ୍ଦ୍ର ନାଥ, ନଜରୁଲ, ଦ୍ୱିଜେନ୍ଦ୍ର ଲାଲ ଏବଂ ମୋହିନୀ ଚୌଧୁରୀଙ୍କ ଲିଖିତ ସଙ୍ଗୀତ ଗାନ କରୁଥିଲେ। ସେମାନଙ୍କ ମଧ୍ୟରେ ହିନ୍ଦୁ-ମୁସଲମାନର କୌଣସି ଭେଦାଭେଦ ନ ଥିଲା। ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକମାନେ ପ୍ରାଣ ଦେଇଥିଲେ। ହାସିନା ସରକାର ନୃଶଂସ ଭାବରେ ଫାସିବାଦୀ କାଇଦାରେ ଲାଠି ଓ ଗୁଳି ବଳରେ ଆନ୍ଦୋଳନ ଦମନ କରିବା ପାଇଁ ଉଦ୍ୟମ କରିଥିଲା, ଛାତ୍ର ଲିଗର ସଶସ୍ତ୍ର ଗୁଣ୍ଡାବାହିନୀ ଓ ପୋଲିସକୁ ଆନ୍ଦୋଳନରତ ଛାତ୍ରମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଛାଡି ଦେଇଥିଲା। ଯେତେବେଳେ ଛାତ୍ରମାନେ ଏହାକୁ ପ୍ରତିରୋଧ କଲେ, ପୋଲିସ ସେମାନଙ୍କ ଉପରେ ଆଖିବୁଜା ଗୁଳିବର୍ଷଣ କଲା। ଏହା ଫଳରେ ବାଙ୍ଗଲାଦେଶର ଛାତ୍ର ସମାଜ ଓ ସାଧାରଣ ଜନତା ଆହୁରି କ୍ଷିପ୍ତ ଓ ବିକ୍ଷୁବ୍ଧ ହୋଇ ବିରୋଧରେ ଫାଟି ପଡ଼ିଥିଲେ। ଏପରିକି ସାଧାରଣ ଜନତା ମଧ୍ୟ ବିରୋଧରେ ଶତମୁଖ ହୋଇ ଉଠିଥିଲେ। ଦିନ ପରେ ଦିନ ହାସିନା ସରକାର ଅଧିକରୁ ଅଧିକ ଗୁଳି ଚଳାଇଲା ଓ ଅନୁମାନ କରାଯାଏ ହଜାରରୁ ଉର୍ଦ୍ଧ୍ୱ ପ୍ରସ୍ଫୁଟିତ ଅମୂଲ୍ୟ ଜୀବନ ଚାଲିଗଲା। କେତେ ଜଣ ଯେ ଏହି ଗୁଳିର ଶିକାର ହେଲେ ତାର ସଠିକ ସଂଖ୍ୟା ଆଜି ବି କେହି କହିପାରିବେ ନାହିଁ। ଏହି ଆନ୍ଦୋଳନ କୌଣସି ମୌଳବାଦୀ ଗୋଷ୍ଠୀଦ୍ୱାରା ସଂଗଠିତ ହୋଇନଥିଲା।

ଏହା ହିଁ ବାସ୍ତବତା ଆନ୍ଦୋଳନ ଚାପରେ ହାସିନା ଇସ୍ତଫା ଦେବାପାଇଁ ବାଧ୍ୟ ହେଲେ। ଏହା ହେଉଛି ଏକ ଐତିହାସିକ ବିଜୟ। ଏହି ଉପମହାଦେଶରେ ଏପରି ଏକ ଗଣଅଭ୍ୟୁଥାନ କିଛି ବର୍ଷ ପୂର୍ବରୁ ଶ୍ରୀଲଙ୍କାରେ ହୋଇଥିଲା। ବର୍ତ୍ତମାନ ଏକ ଅଭ୍ୟୁଥାନ ବାଙ୍ଗଲାଦେଶରେ ଦେଖିବାକୁ ମିଳିଛି। ଏହି ଆନ୍ଦୋଳନକୁ କୌଣସି ରାଜନୈତିକ ନେତା ସାମ୍ନାରେ ରହି ନେତୃତ୍ୱ ଦେଇ ନାହାନ୍ତି। କୌଣସି ରାଜନୈତିକ ଦଳ ମଧ୍ୟ ଏହାର ନେତୃତ୍ୱ ଦେଇନାହିଁ। ଏହା ସଂପୂର୍ଣ୍ଣଭାବେ ସାଧାରଣ ଜନତାଙ୍କର ପୁଞ୍ଜିଭୂତ କ୍ଷୋଭର ସ୍ୱତଃସ୍ଫୁର୍ତ୍ତ ଉଦ୍‌ଗୀରଣ ହୋଇଛି, ଯେପରି ଏକ କ୍ଷୁଦ୍ର ସ୍ଫୁଲିଙ୍ଗ ଜଙ୍ଗଲ ନିଆଁ ପରି ବ୍ୟାପିଯାଏ। ଏହିପରି ଭାବରେ ହିଁ ଏହି ଆନ୍ଦୋଳନ ଜ୍ୱଳାମୁଖୀ ରୂପ ପରିଗ୍ରହ କରିଥିଲା। ଏହା ମୁଁ ଲକ୍ଷ୍ୟ କରିଛି। ମୁଁ ସେହି ଆନ୍ଦୋଳନରତ ଛାତ୍ରମାନଙ୍କର ଏକ ବକ୍ତବ୍ୟ ଏଠାରେ ପଢି ଶୁଣାଉଛି। ସେମାନଙ୍କ କହିବା ମୁତାବକ, ବର୍ତ୍ତମାନ ବାଙ୍ଗଲାଦେଶରେ ଯାହା ଘଟୁଛି ତାହାହେଲା ପରାଜୟ ପରେ ପଛଘୁଞ୍ଚା ଦେଇଥିବା ଆୱାମୀ ଲୀଗ୍ ଓ ଛାତ୍ର ଲିଗ ଏହି ଆନ୍ଦୋଳନକୁ ନିନ୍ଦିତ କରିବା ପାଇଁ ଷଡଯନ୍ତ୍ର କରୁଛନ୍ତି।

ଏହା ମୋର ଅନୁମାନ ଯେ, କେବଳ ପୋଲିସ ଗୁଳିଚାଳନା କରିଛି। ଏଥିରେ ସୈନ୍ୟବାହିନୀ ସାମିଲ ହୋଇନାହିଁ। ସୈନ୍ୟବାହିନୀର ତଳସ୍ତରର କର୍ମକର୍ତ୍ତାମାନେ ବିକ୍ଷୋଭକାରୀଙ୍କ ଉପରେ ଗୁଳି ନ ଚଳାଇବା ପାଇଁ ତାଙ୍କ ଉପରିସ୍ଥ ଅଧିକାରୀ ମାନଙ୍କ ଉପରେ ଯଥେଷ୍ଟ ଚାପ ପ୍ରୟୋଗ କରିଛନ୍ତି। କିନ୍ତୁ ପୋଲିସବାହିନୀ, ଯେଉଁଥିରେ କି ବହୁ ଆୱାମୀ ଲୀଗ୍‌ର ସମର୍ଥକମାନେ ଚାକିରୀ ପାଇଥିଲେ, ସେମାନେ ଏହି ଆନ୍ଦୋଳନକୁ ନୃଶଂସ ଭାବରେ ଦମନ କରିବା କ୍ଷେତ୍ରରେ ସରକାରଙ୍କ ହାତବାରିସୀ ସାଜିଥିଲେ। ଏବେ ରାସ୍ତାରେ କୌଣସି ପୋଲିସ ବା ସେନାବାହିନୀ ପଇଁତରା ମାରୁନାହିଁ। ତେଣୁ ପ୍ରକୃତରେ ଏହାପଛରେ ଏକ ଷଡଯନ୍ତ୍ର କାମ କରୁଛି। ସେଠାରେ ଲୁଟତରାଜ, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କର ଧର୍ମସ୍ଥଳୀକୁ ଭଙ୍ଗାରୁଜା ଓ ଆକ୍ରମଣର କିଛି ଘଟଣା ଘଟିଛି। କେତେକ ସ୍ଥାନରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କ ଉପରେ ଆକ୍ରମଣ ହୋଇଛି। ମୁଁ ଜାଣିନାହିଁ କେହି ଏଥିରେ ମୃତ୍ୟୁବରଣ କରିଛନ୍ତି କି ନାହିଁ। ଏପରି ଗୋଟିଏ ବା ଦୁଇଟି ବିଚ୍ଛିନ୍ନ ଘଟଣା ହୁଏତ ଘଟିଛି। କିନ୍ତୁ ଏହି ଘଟଣାଗୁଡିକ ନଜରକୁ ଆସିବା ସଙ୍ଗେ ସଙ୍ଗେ ହିଁ ଛାତ୍ରସମାଜ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛି ଓ ରାସ୍ତାକୁ ଓହ୍ଲାଇଛି। ମୁଁ ବର୍ତ୍ତମାନ ଏହି ଆନ୍ଦୋଳନକୁ ପରିଚାଳନା କରୁଥିବା ଅନ୍ୟତମ ମୁଖ୍ୟ ସଂଚାଳକ ଆସିଫ ମେହମୁଦଙ୍କର ବକ୍ତବ୍ୟ ପଢି ଶୁଣାଇବି, ଯେଉଁଥିରୁ ଆପଣମାନେ ବୁଝିପାରିବେ ଯେ ସେମାନେ ହାରି ଯାଇଥିବା ଗୋଷ୍ଠୀର ଏହି ଧରଣର ଘୃଣ୍ୟ କାର୍ଯ୍ୟକଳାପକୁ କେତେ ଗୁରୁତ୍ୱର ସହ ନେଇଛନ୍ତି।

"ହିନ୍ଦୁ, ବୌଦ୍ଧ ଓ ଖ୍ରୀଷ୍ଟିୟାନମାନଙ୍କ ଉପରେ ଆକ୍ରମଣ କରି ଆୱାମୀ ଲୀଗ୍ ସେହି ପୁରାତନ ଘୃଣ୍ୟ ବିଭାଜନର ରାଜନୀତିକୁ ଇନ୍ଧନ ଯୋଗାଉଛି। ଆମେ ଛାତ୍ରମାନଙ୍କୁ ଓ ଜନଗଣଙ୍କୁ ଆହ୍ୱାନ କରୁଛୁ ଯେ, ସେମାନେ ଏହା ବିରୁଦ୍ଧରେ ତୀବ୍ର ଆନ୍ଦୋଳନ ଗଢିତୋଳନ୍ତୁ ଏବଂ ଏହି ଷଡଯନ୍ତ୍ରକୁ ପଣ୍ଡ କରନ୍ତୁ। ମନ୍ଦିର, ଚର୍ଚ୍ଚ ଓ ପାଗୋଡା ଉପରେ ଆକ୍ରମଣ କରିବାର ଚେଷ୍ଟାକୁ ପ୍ରତିହତ କରନ୍ତୁ। ଏହି ବର୍ବର ଅରାଜକତାକାରୀ ମାନଙ୍କୁ ଉଚିତ ଜବାବ ଦିଅନ୍ତୁ। ଆମେ ଆୱାମୀ ଲୀଗ୍‌ର ଏପରି ଘୃଣ୍ୟ ପଦକ୍ଷେପକୁ ପ୍ରତିହତ କରିଆସୁଛୁ ଏବଂ ଏବେ ମଧ୍ୟ ଆମେ ଏ କ୍ଷେତ୍ରରେ ଜୟଯୁକ୍ତ ହେବୁ। ଦେଶର ଐକ୍ୟ ହିଁ ଆମର ଶକ୍ତି।"

ଏହା ହିଁ ସେମାନଙ୍କର ଡାକରା। ଏହି ଆହ୍ୱାନକୁ ଅନୁସରଣ କରି ହଜାର ହଜାର ଛାତ୍ର ସଂଖ୍ୟାଲଘୁ ସମ୍ପ୍ରଦାୟମାନଙ୍କ ଉପରେ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଓହ୍ଲାଇ ଆସିଛନ୍ତି। ସେମାନେ ବିଭିନ୍ନ ଧର୍ମସ୍ଥଳୀ ଆଗରେ ପହରା ଦେଉଛନ୍ତି। ମୁଁ ନିଜେ ମାଦ୍ରାସାର ଛାତ୍ରମାନେ ହିନ୍ଦୁମନ୍ଦିର ଆଗରେ ପହରା ଦେବାର ଫଟୋ ଦେଖିଛି। ଏବେ ମୁଁ ଯେଉଁ ଭାଷଣଟି ପଢି ଶୁଣାଇଲି ତାହା ମସଜିଦଗୁଡିକରୁ ମାଇକଯୋଗେ ପ୍ରଚାର କରାଯାଉଛି। ହିନ୍ଦୁମାନେ ରହୁଥିବା ସ୍ଥାନଗୁଡିକୁ ମଧ୍ୟ ପହରା ଦିଆଯାଉଛି, ଯେପରି କୌଣସି ପ୍ରକାର ଆକ୍ରମଣକୁ ପ୍ରତିହତ କରାଯାଇ ପାରିବ। ତେଣୁ ଏହା ବିଶ୍ୱାସ କରିବାର କୌଣସି କାରଣ ନାହିଁ ଯେ ଏହି ଲଢେଇରତ ଛାତ୍ରମାନଙ୍କର ସାମ୍ପ୍ରଦାୟିକ, ମୌଳବାଦୀ ଶକ୍ତିମାନଙ୍କ ସହ କୌଣସି ସମ୍ପର୍କ ଅଛି। ବରଂ ସେମାନେ ଏହିଭଳି ପୋଡାଜଳା କରୁଥିବା ବିଭେଦକାରୀ ଶକ୍ତି ମାନଙ୍କର ଘୋର ବିରୋଧୀ। ଏହି ଦୁଷ୍ଟଶକ୍ତିମାନଙ୍କୁ ଦୂରେଇ ରଖିବାପାଇଁ ସେମାନେ ସମସ୍ତ ଶକ୍ତିଦେଇ ଚେଷ୍ଟା କରୁଛନ୍ତି।

ମୁଁ ପୂର୍ବରୁ କହିଛି ଯେ ଏହି ଆନ୍ଦୋଳନ ଗଣତାନ୍ତ୍ରିକ ଓ ଏହା ଜନଗଣଙ୍କର ଦାବିକୁ ହିଁ ତୋଳି ଧରିଛି। ବର୍ତ୍ତମାନ ଏପରି ଘଟଣା ଘଟିବାର ସମ୍ଭାବନା ଅଛି ଯେ, ସୁବିଧାବାଦୀ ଶକ୍ତିମାନେ ଶାସନକୁ ଆସିବା ପାଇଁ ଏହି ଆନ୍ଦୋଳନର ସୁଯୋଗ ନେଇ ନିଜର ସଂକୀର୍ଣ୍ଣ ସାମ୍ପ୍ରଦାୟିକ କର୍ମସୂଚୀକୁ ଆଗେଇ ନେବାର ଚେଷ୍ଟା କରିବେ। କ୍ଷମତା ଦଖଲ ଖେଳରେ ବିଏନ୍‌ପି ଓ ଜାମାତ ହେଉଛି ଆୱାମୀ ଲୀଗ୍‌ର ପ୍ରତିପକ୍ଷ। ବାଙ୍ଗଲାଦେଶରେ ବାମପନ୍ଥୀ ଶକ୍ତିମାନେ ଅତ୍ୟନ୍ତ ଦୁର୍ବଳ ଏବଂ ଏହି ଆନ୍ଦୋଳନରେ ମଧ୍ୟ ସେମାନଙ୍କର କୌଣସି ଉଲ୍ଲେଖନୀୟ ଭୂମିକା ନାହିଁ। ତେଣୁ ବାମପନ୍ଥୀ ଶକ୍ତିମାନେ ବର୍ତ୍ତମାନ ଆୱାମୀ ଲୀଗ୍‌ର ଶକ୍ତିଶାଳୀ ବିରୋଧୀ ଅବସ୍ଥାରେ ନାହାନ୍ତି। ତେଣୁ ଯଦି ନିର୍ବାଚନ ହୁଏ ତେବେ ଦକ୍ଷିଣପନ୍ଥୀ ଶକ୍ତିମାନେ ଶାସନକୁ ଆସିପାରନ୍ତି। ମୋର ଦୃଢବିଶ୍ୱାସ ଅଛି ଯେ, ଛାତ୍ରମାନେ ଯେପରି ଆୱାମୀ ଲୀଗ୍‌ର ଜନ-ବିରୋଧୀ, ଫାସିବାଦୀ, ସୈରାଚାରୀ ଶାସନ ବିରୁଦ୍ଧରେ ଲଢେଇ କଲେ, ଠିକ୍ ସେହିଭଳି ଭାବରେ ବିଏନ୍‌ପି- ଜମାତର ଜନ-ବିରୋଧୀ, ସାମ୍ପ୍ରଦାୟିକ ରାଜନୀତିକୁ ପ୍ରତିହତ କରିବେ। ମୁଁ ଦୃଢ ଭାବରେ ବିଶ୍ୱାସକରେ ଯେ ଛାତ୍ରମାନେ ତାଙ୍କର ଶକ୍ତିକୁ ଏହି ଦଳମାନଙ୍କର ପୁଞ୍ଜିପତି ଶ୍ରେଣୀକୁ ସାହାଯ୍ୟ କରିବାର ଅଭିସନ୍ଧି ବିରୁଦ୍ଧରେ ସଂହତ କରିବେ।

ମୁଁ ଏହିମତ ପୋଷଣ କରୁଛି ଯେ, ଆମ ଦେଶର ଶୁଭବୁଦ୍ଧି ସଂପନ୍ନ ଜନଗଣଙ୍କର ଭ୍ରମିତ ହେବାର କୌଣସି କାରଣ ନାହିଁ। ଆମ ଦେଶର କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କର ଦୂରଭିସନ୍ଧି ଉଦ୍ଦେଶ୍ୟ ଅଛି। ଯେଉଁମାନେ ସାମ୍ପ୍ରଦାୟିକ ମୁସଲମାନ ବିରୋଧୀ ହିନ୍ଦୁତ୍ୱର ତତ୍ତ୍ୱକୁ ଲାଳନପାଳନ କରନ୍ତି, ସେମାନେ ଏପରି ସୁଯୋଗର ଅପେକ୍ଷାରେ ଅଛନ୍ତି ଯାହାକୁ ନେଇ ଉଗ୍ର ସାମ୍ପ୍ରଦାୟିକ ମୁସଲମାନ ବିରୋଧୀ ବିଦ୍ୱେଷକୁ ଉସକାଯାଇ ପାରିବ। କିଛି ଗଣମାଧ୍ୟମ ମଧ୍ୟ ଏହିପରି ଏକ ଜଘନ୍ୟ ଖେଳର ଅଂଶୀଦାର ହୋଇଛନ୍ତି। ସାମାଜିକ ଗଣମାଧ୍ୟମ ମଧ୍ୟ ଏହି ଧରଣର ଘୃଣ୍ୟ ପ୍ରଚାରରେ ଭରିଯାଇଛି। ଏହି ଗଣମାଧ୍ୟମ ବା ସାମାଜିକ ଗଣମାଧ୍ୟମ ଗୋଷ୍ଠୀ ଗୁଡିକ ମଧ୍ୟ ସେହି ମନ୍ଦ ଉଦ୍ଦେଶ୍ୟରୁ ବାଙ୍ଗଲାଦେଶର ସଂଗ୍ରାମରତ ଛାତ୍ରମାନଙ୍କର ବକ୍ତବ୍ୟକୁ ପ୍ରାଧାନ୍ୟ ଦେଉନାହାନ୍ତି। ମାଦ୍ରାସାର ଛାତ୍ରମାନେ କିପରି ମନ୍ଦିରକୁ ଓ ହିନ୍ଦୁ ଜନବହୁଳ ଅଞ୍ଚଳକୁ ସୁରକ୍ଷା ଦେଉଛନ୍ତି, ସେକଥା ପ୍ରଚାର କରୁନାହାନ୍ତି। ଏହିଭଳି ଇତିବାଚକ ବିଷୟ ଗୁଡିକୁ ସାମନାକୁ ନଆଣି, ଏହି ସଂବାଦ ସରବରାହ ସଂସ୍ଥାମାନେ କେବଳ ସେହିକଥା ପ୍ରଚାର କରୁଛନ୍ତି ଯାହା ଦେଶରେ ମୁସଲମାନ ବିରୋଧୀ ବିଦ୍ୱେଷର ବାତାବରଣ ସୃଷ୍ଟି କରିବ ଓ ସେମାନଙ୍କର ଅନିଷ୍ଟକାରୀ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ସହିତ ସାଧାରଣ ଜନତାର ଐକ୍ୟକୁ ଧ୍ୱଂସ କରି ହିନ୍ଦୁ ଭୋଟବ୍ୟାଙ୍କ ସୃଷ୍ଟି କରିବ।

ମୁଁ ପଶ୍ଚିମବଙ୍ଗ ସମେତ ସମଗ୍ର ଦେଶର ଜନଗଣଙ୍କୁ ଅନୁରୋଧ କରୁଛି ସେମାନେ ଏହି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀମାନଙ୍କ ଦ୍ୱାରା କରାଯାଉଥିବା ଅତ୍ୟନ୍ତ ଧୂର୍ତ୍ତ, ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ ପ୍ରଚାରରେ ପ୍ରଭାବିତ ହେବେ ନାହିଁ। ମୁଁ ପୁନର୍ବାର କହିରଖୁଛି ଯେ ଏହି ଆନ୍ଦୋଳନରେ ଉଭୟ ହିନ୍ଦୁ- ମୁସଲମାନ, ପୁରୁଷ- ନାରୀ ପ୍ରତ୍ୟେକ ଜୀବନ ଦେଇଛନ୍ତି। ଉଭୟ ସମ୍ପ୍ରଦାୟର ରକ୍ତରେ ରାଜରାସ୍ତା ରଞ୍ଜିତ ହୋଇଛି। ସେଠାରେ କୌଣସି ସାମ୍ପ୍ରଦାୟିକ ବିଭାଜନ ନଥିଲା। ମନ୍ଦ ଉଦ୍ଦେଶ୍ୟରେ ପୋଲିସକୁ ସମ୍ପୂର୍ଣ୍ଣ ନିଷ୍କ୍ରିୟ ରଖି ଆୱାମୀ ଲୀଗ୍ ଏକ ଷଡଯନ୍ତ୍ର ରଚନା କରୁଛି, ଯାହାଫଳରେଏହି ଗୌରବୋଜ୍ୱଳ ଆନ୍ଦୋଳନକୁ କାଳିମାଲିପ୍ତ କରାଯାଇପାରିବ। ଅନ୍ୟପଟରେ ବାଙ୍ଗଲାଦେଶର ଏହି ପରିସ୍ଥିତିର ସୁଯୋଗ ନେଇ, ହିନ୍ଦୁ ସାମ୍ପ୍ରଦାୟିକ ଶକ୍ତିମାନେ ଭାରତରେ ଭ୍ରାତୃଘାତୀ ବିଦ୍ୱେଷର ବିଷବଳୟ ସୃଷ୍ଟିକରିବାକୁ ଚାହୁଁଛନ୍ତି। ଏହି ଉଦ୍ଦେଶ୍ୟମୂଳକ ପ୍ରଚାରର ଶୀକାର ନ ହେବାକୁ ମୁଁ ପୁଣିଥରେ ଭାରତର ଜନସାଧାରଣଙ୍କୁ ଅତ୍ୟନ୍ତ ଆନ୍ତରିକତାସହ ଆହ୍ୱାନ କରୁଛି। ★ ★ ★

Regd.No-ORI ORI/2011/37220 • VOL.NO. 11, ISSUE NO. 12 • ମୂଲ୍ୟ-୫ଟଙ୍କା

## ଶ୍ରମିକ ବିରୋଧୀ ଶ୍ରମ ଆଇନ ସଂଶୋଧନ ବାତିଲ ଦାବିରେ
# ଏଆଇୟୁଟିୟୁସି କଟକ ଜିଲ୍ଲା ସମ୍ମିଳନୀ





କେନ୍ଦ୍ର ବିଜେପି ସରକାର ଦେଶର ବିଭିନ୍ନ ଘରୋଇ ସଂସ୍ଥା ଓ ଏକଚାଟିଆ ପୁଞ୍ଜିପତିଙ୍କ ସ୍ୱାର୍ଥରେ ଶ୍ରମିକ ସଂଗଠନ ଏବଂ ଶ୍ରମିକ ଆନ୍ଦୋଳନକୁ ବିଲୋପ କରିବା ଲକ୍ଷ୍ୟରେ ସମସ୍ତ ଶ୍ରମ ଆଇନ ଉଚ୍ଛେଦ କରିଛନ୍ତି। ଶ୍ରମିକମାନେ ରକ୍ତକ୍ଷୟୀ ସଂଗ୍ରାମ କରି ଯେଉଁ ଅଧିକାର ଗୁଡିକ ଅର୍ଜନ କରିଥିଲେ, ସେସବୁ ୪ଟି ଶ୍ରମ କୋର୍ଡ ପ୍ରବର୍ତ୍ତନ କରି ହରଣ କରାଯାଇଛି। ଏହି ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ କରିବା ସହିତ ୭ ଦଫା ଦାବିରେ ଏଆଇୟୁଟିୟୁସି କଟକ ଜିଲ୍ଲା ସମ୍ମିଳନୀ ଅଗଷ୍ଟ ୧୧ ତାରିଖରେ କଟକ ଏସ୍‌ଏନ୍ ସରକାର ହଲରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀକୁ କମ୍ରେଡ଼ ଲକ୍ଷ୍ମୀଧର ମହାନ୍ତିଙ୍କ ନେତୃତ୍ୱରେ ଖଗେଶ୍ୱର ସେଠୀ ଓ ସୌଭାଗ୍ୟ ସାମଲଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ପ୍ରାରମ୍ଭରେ କମ୍ରେଡ ପାଭେଲ ପ୍ରିୟଦର୍ଶନ ଭିତ୍ତିପତ୍ର ପାଠ କରିଥିଲେ। ଏହାପରେ ଏଆଇୟୁଟିୟୁସି ଜିଲ୍ଲା ସଂପାଦକ ରାଜକିଶୋର ମଲ୍ଲିକ ସାଂଗଠନିକ ବିବରଣୀ ପାଠ କରିଥିଲେ। ଏହି ସମ୍ମିଳନୀ ରେ ଏଆଇୟୁଟିୟୁସି ରାଜ୍ୟ ସଂପାଦକ ଜୟସେନ ମେହେର ମୁଖ୍ୟବକ୍ତା, ଏସୟୁସିଆଇ(କମ୍ୟୁନିଷ୍ଟ) ଜିଲ୍ଲା ସଂପାଦକ ବିଶ୍ୱାବସୁ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ। ପ୍ରତିନିଧିମାନଙ୍କ ମଧ୍ୟରେ ଇତିଶ୍ରୀ ଜେନା, ଶାନ୍ତିଲତା ରାଉତ, ଅକ୍ଷୟ ବେହେରା, ଦିଲ୍ଲିପ ବାରିକ ପ୍ରମୁଖ ପ୍ରସ୍ତାବର ସମର୍ଥନରେ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ କମ୍ରେଡ ଖଗେଶ୍ୱର ସେଠୀ ସଭାପତି, କମ୍ରେଡ ମହମ୍ମଦ ଅକିକୁଦିନ ଓ ପରମାନନ୍ଦ ସେଠୀ ଉପ ସଭାପତି, କମ୍ରେଡ ରାଜକିଶୋର ମଲ୍ଲିକ ସମ୍ପାଦକ, କମ୍ରେଡ ପାଭେଲ ପ୍ରିୟଦର୍ଶନ ସହ ସମ୍ପାଦକ ଏବଂ ସୌଭାଗ୍ୟ କେତନ ସାମଲ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ୨୨ ଜଣିଆ କମିଟି ମଧ୍ୟ ନିର୍ବାଚିତ ହୋଇଥିଲା।

## ରାଜ୍ୟ ସରକାର ବନ୍ଦ କରିଥିବା ସ୍କୁଲ ଖୋଲିବା ଦାବିରେ ବିକ୍ଷୋଭ




ଏଆଇଡିଏସଓ ଏବଂ ଶିକ୍ଷା ବଂଚାଅ କମିଟି ତରଫରୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସରଣ କରି ବନ୍ଦ କରିଥିବା ସ୍କୁଲ ଗୁଡିକୁ ଅବିଳମ୍ବେ ଖୋଲି ପାଠପଢା ଆରମ୍ଭକରିବା ଦାବିରେ ଭୋଗରାଇ ବିଇଓ ଅଫିସ ସମ୍ମୁଖରେ ଛାତ୍ର ଅବିଭାବକମାନଙ୍କର ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ଏଆଇଡିଏସଓ ଜିଲ୍ଲା ସଭାପତି କମ୍ରେଡ ହରେକୃଷ୍ଣ ଦାସ ଓ କମ୍ରେଡ ମନୋଜ ପାତ୍ର । ବିଇଓ ଅଫିସ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଶିକ୍ଷା ବଂଚାଅ କମିଟିର ସଦସ୍ୟା କ୍ରିଷ୍ଟାରାଣୀ ସାହୁ ବକ୍ତବ୍ୟ ରଖିଥିବାବେଳେ ବିଇଓ ବିକ୍ଷୋଭ ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ସରକାର ଅବିଳମ୍ବେ ସ୍କୁଲ ନ ଖୋଲିଲେ ଆଗାମୀ ଦିନରେ ବୃହତ୍ତର ଆନ୍ଦୋଳନ ସଂଗଠିତ ହେବ ବୋଲି ବିକ୍ଷୋଭକାରୀ ମାନେ ଚେତାବନୀ ଦେଇଥିଲେ।

## କମ୍ରେଡ ଗୟାଧର ମଲ୍ଲିକ ଲାଲ ସଲାମ



ଯାଜପୁର ଜିଲ୍ଲା, ବିଂଝାରପୁର ବ୍ଲକସ୍ଥିତ ଜରୀ ଗ୍ରାମର ପାର୍ଟି ଆବେଦନକାରୀ ସଦସ୍ୟ କମ୍ରେଡ ଗୟାଧର ମଲ୍ଲିକ ଅଗଷ୍ଟ ମାସ ୫ତାରିଖ ସଂଧ୍ୟା ୬ଟା ସମୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ୧୯୮୩ ମସିହାରୁ କମ୍ରେଡ ମଲ୍ଲିକ ମାର୍କ୍ସବାଦ-ଲେନିନବାଦ ଏବଂ ସର୍ବହରାର ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାର ସଂସ୍ପର୍ଶରେ ଆସି ପାର୍ଟି ସହିତ ଯୁକ୍ତ ହୋଇଥିଲେ। ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ ପାର୍ଟିର ଜଣେ ନିର୍ଭରଯୋଗ୍ୟ ଦୃଢ ସମର୍ଥକ ଭାବରେ ଭୂମିକା ପାଳନ କରିଯାଇଛନ୍ତି। ତାଙ୍କ ମୃତ୍ୟୁରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟିର ସଂପାଦକ ତଥା ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ସୁରେନ୍ଦ୍ର ମଲ୍ଲିକ ଏବଂ ଜରୀ ଆଂଚଳିକ କମିଟିର ସଂପାଦିକା କମ୍ରେଡ ସଂଯୁକ୍ତା ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। କମ୍ରେଡ ଗୟାଧର ମଲ୍ଲିକଙ୍କ ମୃତ୍ୟୁ ଖବର ପାଇ ପାର୍ଟିର ଜରୀ ଆଂଚଳିକ କମିଟିର ସଦସ୍ୟ କମ୍ରେଡ ବ୍ରହ୍ମାନନ୍ଦ ମଲ୍ଲିକ, ସୁରେନ୍ଦ୍ର ଜେନା, ହୃଦାନନ୍ଦ ମଲ୍ଲିକ ତାଙ୍କ ବାସଭବନରେ ପହଂଚି ତାଙ୍କ ମରଶରୀରରେ ମାଲ୍ୟାର୍ପଣ କରି ବିପ୍ଲବୀ ଶ୍ରଦ୍ଧା ଜ୍ଞାପନ କରିଥିଲେ।

## ଜବର ଦଖଲ ଉଚ୍ଛେଦ ଆଳରେ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର - ଯଶୀପୁରରେ ଗଣବିକ୍ଷୋଭ




ସରକାରୀ ଜମିରୁ ଜବର ଦଖଲ ଉଚ୍ଛେଦ ଆଳରେ ରାଜ୍ୟ ବିଜେପି ସରକାରର ନିର୍ଦ୍ଦେଶ କ୍ରମେ ପ୍ରଶାସନ ତରଫରୁ ସମଗ୍ର ରାଜ୍ୟରେ ସରକାରୀ ଜମିରେ ପଲା କୁଡିଆ କରି ମୁଣ୍ଡ ଗୁଞ୍ଜିଥିବା ଭୂମିହୀନ ଦରିଦ୍ର ଲୋକ, ରାସ୍ତାକଡରେ ବ୍ୟବସାୟ କରୁଥିବା ଛୋଟ ବ୍ୟବସାୟୀ ତଥା ଜଙ୍ଗଲ ଜମିରେ ପୁରୁଷାନୁକ୍ରମିକ ଚାଷବାସ କରି ଜୀବିକା ନିର୍ବାହ କରୁଥିବା ଆଦିବାସୀ ଓ ଜଙ୍ଗଲ ଅଧିବାସୀ ଜନସାଧାରଣଙ୍କୁ ଉଚ୍ଛେଦ କରାଯାଉଛି। ଏହାଫଳରେ ରାଜ୍ୟରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ବିପନ୍ନ ହୋଇଛି।

ଏହି ପୃଷ୍ଠଭୂମିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ମୟୁରଭଞ୍ଜ ଜିଲ୍ଲା କମିଟିର ଆହ୍ୱାନକ୍ରମେ ୨୯ତାରିଖ ଦିନ ବିଶୋଇ ବ୍ଲକ୍ ସମ୍ମୁଖରେ ଏବଂ ଜୁଲାଇ ୩୦ତାରିଖରେ ଯଶୀପୁର ତହସିଲ ଅଫିସ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ ଆୟୋଜିତ ହୋଇଥିଲା। ତୁରନ୍ତ ଉଚ୍ଛେଦ ବନ୍ଦ କରିବା, ଦଖଲିକୃତ ଜମିର ବିନା ସଲାମୀରେ ପଟ୍ଟା ଦେବା, ରାସ୍ତାକଡ ଛୋଟ ଦୋକାନୀଙ୍କ ଉଚ୍ଛେଦ ବନ୍ଦ କରିବା, ସମସ୍ତ ଭୂମିହୀନ ଲୋକଙ୍କୁ ୪ ଡେସିମିଲ ଲେଖାଏଁ ଘର ଡିହ ଯୋଗାଇବା ଓ ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୩କୁ ତୁରନ୍ତ ଉଚ୍ଛେଦ କରିବା ଦାବିରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା। ଏହି ଗଣବିକ୍ଷୋଭରେ ଯଶୀପୁରର ପୂର୍ବତନ ବିଧାୟକ ତଥା ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀର ବରିଷ୍ଠ ସଦସ୍ୟ କମ୍ରେଡ୍ ଶମ୍ଭୁନାଥ ନାଏକ, ଜିଲ୍ଲା କମିଟି ସଦସ୍ୟ କମ୍ରେଡ ନୀଳାମ୍ବର ନାଏକ, ମଧୁସୂଦନ ନାଏକ, ଅର୍ଜୁନ ହେମ୍ବ୍ରମ୍, ଚିନ୍ମୟ ହେମ୍ବ୍ରମ୍, ଚୈତନ୍ୟ ନାଏକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କମ୍ରେଡ ମନୋଜ ମହନ୍ତ ବିକ୍ଷୋଭକାରୀମାନଙ୍କୁ ଦାବିପତ୍ର ପଢି ଶୁଣାଇଥିଲା ବେଳେ କମ୍ରେଡ ଲଳିତ ମହନ୍ତ ବିକ୍ଷୋଭ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା କମିଟି ସଦସ୍ୟ କମ୍ରେଡ ଦୁଖବନ୍ଧୁ ମହାନ୍ତ, ପ୍ରକାଶ ମଢେଇ, ଦ୍ରୌପଦୀ ମହାନ୍ତ, ସୁକାନ୍ତି ନାଏକ, ଜଗବନ୍ଧୁ ମଲ୍ଲିକ, ଅମିନ ମହାନ୍ତ, ଅଜିତ ମହାନ୍ତ, ସୁଶାନ୍ତ ମୁର୍ମୁ, ଗୋବିନ୍ଦ ଦାସ ଓ ଛାତ୍ର ନେତା ଫୁଲଚାନ୍ଦ ଲୋହାର ବିକ୍ଷୋଭରେ ନେତୃତ୍ୱକାରୀ ଭୂମିକା ପାଳନ କରିଥିଲେ।

## କେରଳ-ଉତ୍ତରାଖଣ୍ଡରେ କର୍ତ୍ତୃପକ୍ଷଙ୍କ ଅବହେଳା ହିଁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ଡାକି ଆଣିଲା - ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ଅଗଷ୍ଟ ୧ ତାରିଖରେ ଜାରି ଏକ ବୃବୃତ୍ତିରେ କହିଛନ୍ତି ଯେ, କେରଳର ଓୟେନାଡ୍ ଜିଲ୍ଲାରେ ଜୁଲାଇ ୨୯ ମଧ୍ୟରାତ୍ରୀରେ ଅତିପ୍ରବଳ ବର୍ଷା ଓ ଭୟାବହ ଭୂସ୍ଖଳନ ଫଳରେ ଶହ ଶହ ଲୋକଙ୍କର ମର୍ମାନ୍ତିକ ମୃତ୍ୟୁରେ ଆମେ ଗଭୀର ଭାବରେ ମର୍ମାହତ। ଗଣମାଧ୍ୟମରେ ମୃତ୍ୟୁ ସଂଖ୍ୟା ଯାହା କୁହାଗଲେ ମଧ୍ୟ ପ୍ରକୃତ ମୃତ୍ୟୁ ସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ଏବଂ ଏହି ସଂଖ୍ୟା ଦ୍ରୁତ ବଢିଚାଲିଛି। ଧ୍ୱଂସ ସ୍ତୁପ ଓ କାଦୁଅ ଭିତରେ ଶହ ଶହ ଲୋକ ଚାପିହୋଇ ରହିଛନ୍ତି, ଏହିଭଳି ପୋତିହୋଇ ରହିଥିବା ସମସ୍ତ ଲୋକଙ୍କୁ ହୁଏତ କେବେହେଲେ ଉଦ୍ଧାର କରାଯାଇ ପାରିବ ନାହିଁ। ଦୁଇଟି ଜନପଦର ସମଗ୍ର ଜନବସତି ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି।

ଜଙ୍ଗଲ କ୍ଷୟ, ବିଭିନ୍ନ ପ୍ରକାର ଖନନ କାର୍ଯ୍ୟ, ପର୍ଯ୍ୟଟନ ବ୍ୟବସାୟ ପାଇଁ ବିଶାଳକାୟ ନିର୍ମାଣ ସହ ସରକାରଙ୍କର ଜନବିରୋଧି ନୀତି ପରିବେଶର ଭାରସାମ୍ୟ ନଷ୍ଟ କରୁଛି। ଏହାଫଳରେ କେରଳ ରାଜ୍ୟଟି ବାରବାର ପ୍ରବଳ ଗ୍ରୀଷ୍ମ ପ୍ରବାହ, ଅତି ପ୍ରବଳ ବୃଷ୍ଟିପାତ ଜନିତ ପ୍ରବଳ ବନ୍ୟା ଓ ଭୂସ୍ଖଳନ କବଳରେ ପଡିଛି। ଭଙ୍ଗୁର ପଶ୍ଚିମଘାଟ ପର୍ବତମାଳା ଅଂଚଳର ସମସ୍ତ ବାସିନ୍ଦା ଓୟେନାଡ଼୍‌ର ଏହି ବିପର୍ଯ୍ୟୟରେ ଆତଙ୍କିତ ହୋଇପଡିଛନ୍ତି। ଆଖପାଖ ଅଂଚଳର ବାସିନ୍ଦାମାନେ ମଧ୍ୟ ଯେକୌଣସି ସମୟରେ ଏହି ଧରଣର ବିପର୍ଯ୍ୟୟର ଶିକାର ହେବାର ଆଶଂକା ରହିଛି।

ଭୂସ୍ଖଳନ ଫଳରେ ନିଖୋଜ ହୋଇଥିବା ଲୋକଙ୍କୁ ଉଦ୍ଧାର କରିବାପାଇଁ ଅବିଳମ୍ବେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାପାଇଁ ଆମେ ଦୃଢ ଦାବି କରୁଛୁ। ଭବିଷ୍ୟତରେ ଯେଭଳି ଏହି ଧରଣର ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ନପଡେ ସେଥିପାଇଁ ବିଜ୍ଞାନ ଭିତ୍ତିକ ସତର୍କତା ଓ ନିରାପତ୍ତାମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। କର୍ତ୍ତୃପକ୍ଷଙ୍କର ଦୋଷପାଇଁ ସୃଷ୍ଟି ହୋଇଥିବା ଏହି ଧରଣର ଭୟଙ୍କର ବିପର୍ଯ୍ୟୟ ଏକ ଅକ୍ଷମଣୀୟ ଅପରାଧ। ଏହା ମଧ୍ୟ ମନେରଖିବା ଆବଶ୍ୟକ ଯେ, ଲୋକଙ୍କର ଜୀବନ ଓ ପ୍ରକୃତିର ସୁରକ୍ଷା ଦାୟିତ୍ୱ ସରକାରଙ୍କର। ଏ ସଂପର୍କରେ ସଠିକ ସମୟରେ ସଠିକ ସିଦ୍ଧାନ୍ତ ଗ୍ରହଣ କରିବାର ଦାୟିତ୍ୱ ସ୍ୱୀକାର କରିବାପାଇଁ ରାଜ୍ୟ ସରକାରଙ୍କୁ ଅବଶ୍ୟ ହିଁ ପ୍ରସ୍ତୁତ ରହିବାକୁ ହେବ। ଏହାବ୍ୟତୀତ ସେଥିପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରି ଏହାକୁ ନିଶ୍ଚିତ କାର୍ଯ୍ୟକାରୀ କରିବାକୁ ହେବ। ଜଙ୍ଗଲକ୍ଷୟ ଓ ପର୍ଯ୍ୟଟନ ନାମରେ ନିର୍ମାଣ ଅବିଳମ୍ବେ ସରକାରଙ୍କୁ ବନ୍ଦ କରିବାକୁ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଲୋକଙ୍କର ଥଇଥାନ, ଯଥାର୍ଥ କ୍ଷତିପୂରଣ ଓ ଜୀବିକାର ବ୍ୟବସ୍ଥା କରିବାକୁ ହେବ। ଅବିଳମ୍ବେ ଦୁର୍ଗତ ମାନଙ୍କପାଇଁ ପ୍ରୟୋଜନୀୟ ଖାଦ୍ୟ, ଆଶ୍ରୟ ଓ ଚିକିତ୍ସା ସହାୟତା ପାଇଁ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ ସରକାରଙ୍କୁ କରିବାକୁ ହେବ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେଭଳି ସେମାନଙ୍କର କର୍ତ୍ତବ୍ୟ ଯଥାଯଥ ଭାବରେ ପାଳନ କରନ୍ତି, ସେଥିପାଇଁ ରାଜନୈତିକ ଦଳ ଓ ଜନପ୍ରତିନିଧି ମାନଙ୍କୁ ମୁଖର ହେବାକୁ ପଡିବ। ସମାଜର ସର୍ବସ୍ତରର ସହୃଦୟ ଜନସାଧାରଣଙ୍କୁ ଯୁକ୍ତ କରି ଗୋଟିଏ ସାମଗ୍ରିକ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ଗଢିତୋଳିବା ପ୍ରୟୋଜନ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das